# 2nd PRACTICE TEST FOR CLASS-X
# FIRST LANGUAGE ODIA(FLO) (ଓଡ଼ିଆ)
## OBJECTIVE (PART - I)

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଉତର ଦିଆଯାଇଛି ।
ସେଥି ମଧ୍ୟରୁ ଠିକ୍ ଉତରଟି ବାଛି ବୃତଟିକୁ କଳା / ନୀଳ ବଲ୍ ପଏଂଟ ପେନ୍ ଦ୍ୱାରା ସଂପୂର୍ଣ୍ଣ କଳା / ନୀଳ କର ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ / (ଏକ) ନମ୍ବର । ସମସ୍ତ ପ୍ରଶ୍ନର ଉତର ଦିଅ ।

*NAME* ........................................ ................................*ROLL NO*......................... *SECTION* ..........

ସମୟ : ୧ଘଂଟା

ପୂର୍ଣ୍ଣ ସଂଖ୍ୟା : ୩୦

| କ | ଖ | ଗ | ଘ |
|---|---|---|---|

୧. ସ୍ତୂପୀକୃତ- ଶବ୍ଦଟିର ଅର୍ଥ କ'ଣ ?
(କ) ସ୍ତର ବା ଥାକ ଥାକ ହୋଇ ଜମି ରହିଥିବା (ଖ) ଗଦା ହୋଇଥିବା
(ଗ)ଏକ ସ୍ଥାନରେ ଥିବା (ଘ) ସବୁ ଆଡେ ରହିଥିବା

୨. ସ୍ଥଳ ପଦ୍ମରେ ଗ୍ରାମର ଶିକ୍ଷିତ- ଅର୍ଦ୍ଧ ଶିକ୍ଷିତ ଯୁବକ ମାନେ କ'ଣ ଦେଖନ୍ତି ?
(କ) ଆହବର ଦୃଶ୍ୟ (ଖ) ଆହବର ବିଭୀଷିକା
(ଗ) ଆହବର ରକ୍ତ (ଘ) ଆହବର ଘନଘଟ ।

୩. ଭାରତୀୟ ଦର୍ଶନର ବିଶେଷ ବିଶେଷତ୍ୱ କେଉଁଟି ?
(କ) ଦେବତାଙ୍କ ପୂଜାକୁ ସର୍ବଶ୍ରେଷ୍ଠ ମାନ୍ୟତା ଦେବା
(ଖ) ମନୁଷ୍ୟର ସେବାକୁ ଈଶ୍ୱର ସେବା ବୋଲି ମାନିବା
(ଗ) ମଠ ଓ ମନ୍ଦିର ଗଠନ କରିବା
(ଘ) ମୂର୍ତ୍ତି ପୂଜାକୁ ମାନ୍ୟତା ଦେବା

୪. ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି କାହାବିନା ଲଭ୍ୟ ନୁହେଁ ?
(କ) ସାଧନା ବିନା (ଖ) ତପସ୍ୟା ବିନା (ଗ) ଏକାଗ୍ରତା ବିନା (ଘ) ଗୁରୁ କୃପା ବିନା

୫. 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' - ଏହି ଉକ୍ତିଟି ବିବେକାନନ୍ଦ କାହାଠାରୁ ଶୁଣିଥିଲେ ?
(କ) ମାର୍କସ୍‌ଙ୍କ ଠାରୁ (ଖ) ରାମକୃଷ୍ଣଙ୍କ ଠାରୁ
(ଗ) ପାଓ୍ୱାହାରୀ ବାବାଙ୍କଠାରୁ (ଘ) ଜଣେ ସନ୍ୟାସୀଙ୍କ ଠାରୁ

୬. ଅଙ୍ଗଦଙ୍କ ପିତାଙ୍କ ନାମ କ'ଣ ?
(କ) ସୁଗ୍ରୀବ (ଖ) ହନୁମାନ (ଗ) କେଶରୀ (ଘ) ବାଳୀ

୭. 'ଚାଲି ଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ' - ଉକ୍ତ ପଂକ୍ତିରେ କବି କିଏ ଶୂନ୍ୟକୁ ଚାଲିଯିବା କଥା କହିଛନ୍ତି ?
(କ) ଆତ୍ମା (ଖ) ଶରୀର (ଗ) ମନ (ଘ) ଗୀତର ତାନ

୮. କେଉଁ କ୍ଷେତ୍ରରେ ଗଙ୍ଗାଧରଙ୍କ କବି ଚାତୁରୀ ଅନନ୍ୟ ?
(କ) ପୁରାତନରେ ନୂତନତା ଆଣିବାରେ (ଖ) ପ୍ରକୃତି ବର୍ଣ୍ଣନାରେ
(ଗ) ଚରିତ୍ର ଚିତ୍ରଣରେ (ଘ) ଅଳଙ୍କାର ଖଞ୍ଜିବାରେ

୯. ଅରୁଣ କଷାୟ ବାସ କହିଲେ କ'ଣ ବୁଝ ?
(କ) ସୂର୍ଯ୍ୟଙ୍କ କିରଣ (ଖ) କଷ ଲାଗିଥିବା ଲୁଗା (ଗ) ଅରୁଣ ପିନ୍ଧିଥିବା ଲୁଗା (ଘ) ଲାଲ୍ ରଙ୍ଗର ପାଟ ଲୁଗା

୧୦. ମୁନି ମୁଖରୁ ନିସୃତ ଓଁ କାର ଧ୍ୱନି କାହାକୁ ଭେଦ କଲା ?
(କ) ଶ୍ୟାମବନ (ଖ) ଗଗନ (ଗ) ଆଶ୍ରମ (ଘ) ନଦୀ

୧୧. କାଠ କଟାଳିର ପାରିବାର ପଣିଆ ଉପରେ ଲେଖକ କାହିଁକି ସନ୍ଦେହ କଲେ ?
(କ) ସେ ଅତି ଦୁର୍ବଳ ଥିଲା (ଖ) ମୋଟା ସୋଟା ଥିଲା
(ଗ) ପତଳା ଥିଲା (ଘ) ବୟସ ଓ ଚେହେରା ଯୋଗୁଁ

୧୨. ବସନ୍ତ କୁମାର ଶତପଥୀଙ୍କ ଚାକର ନାଆଁ କ'ଣ ?
(କ) ଚୈତନ (ଖ) ରଘୁ (ଗ) ହରି (ଘ) ମାଧବ

୧୩. ନଟବର ବାବୁ ବସ୍‌ରୁ ଓହ୍ଲାଇ କାହା ଦୋକାନ ଆଡକୁ ମୁହାଁଇଲେ ?
(କ) ଗୋପାଳ ସାହୁ (ଖ) ମଧୁ ତିଆଡ଼ୀ (ଗ) ହରି ଗୁଡିଆ (ଘ) ପରି ଗୁଡିଆ

କ ଖ ଗ ଘ

୧୪. ନଟବର ବାବୁ ସଂସାରକୁ କାହା ସହିତ ତୁଳନା କରିଛନ୍ତି ?
(କ) ବିଷ ବୃକ୍ଷ (ଖ) ତତଲା କରେଇ (ଗ) ତେଲ କରେଇ (ଘ) ବଟ ବୃକ୍ଷ

୧୫. ପିଲାଙ୍କ ମନରେ କେଉଁ ଭାବ ନରହୁ ବୋଲି ନଟବାବୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ ?
(କ) କୃପଣ (ଖ) ଧନୀ (ଗ) ଗରିବ (ଘ) ବଦାନ୍ୟ

ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

୧୬. ଆସତିକୁ ଅନ୍ୟ ଅର୍ଥରେ କ'ଣ କୁହାଯାଏ ?
(କ) ପଦ ବିନ୍ୟାସ (ଖ) ବାକ୍ୟାଂଶ (ଗ) ଖଣ୍ଡବାକ୍ୟ (ଘ) ଯୋଗ୍ୟତା

୧୭. ଯେକୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ କି ବାକ୍ୟ କୁହାଯାଏ ?
(କ) ସରଳ ବାକ୍ୟ (ଖ) ଜଟିଳ ବାକ୍ୟ (ଗ) ମିଶ୍ରବାକ୍ୟ (ଘ) ଉପବାକ୍ୟ

୧୮. ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଠିକ୍ ହେଲା ନାହିଁ । ବାକ୍ୟଟିକୁ ବିବୃତି ସୂଚକ ବାକ୍ୟରେ ପରିଣତ କଲେ କ'ଣ ହେବ ?
(କ) ଅଜ୍ଞାତ ଯୁବକକୁ କ'ଣ ଆଶ୍ରୟ ଦିଆଯାଏ ?
(ଖ) ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଭୁଲ୍ ।
(ଗ) ଅଜ୍ଞାତ ଯୁବକକୁ ପୁଣି ଆଶ୍ରୟ ।
(ଘ) ଅଜ୍ଞାତ ଯୁବକକୁ ଆଶ୍ରୟ ଦିଆଯାଏ ନାହିଁ ।

୧୯. 'ଶତ୍ରୁକୁ ହତ୍ୟା କରେ ଯେ' – ଏହାକୁ ସଂକ୍ଷେପରେ ପ୍ରକାଶ କଲେ କ'ଣ ହେବ ?
(କ) ଶତ୍ରୁହନ୍ତା (ଖ) ଶତ୍ରୁଘ୍ନ (ଗ) ଶତ୍ରୁ ହତ୍ୟାକରୀ (ଘ) କେଉଁଟି ନୁହେଁ

୨୦. ବାକ୍ୟରେ ଦ୍ୱିକର୍ମକ କ୍ରିୟାର ଗୌଣକର୍ମ କେଉଁଠି ବସେ ?
(କ) କର୍ତ୍ତା ପୂର୍ବରୁ (ଖ) କ୍ରିୟା ପୂର୍ବରୁ (ଗ) ମୁଖ୍ୟ କର୍ମ ପୂର୍ବରୁ (ଘ) କର୍ମ ପୂର୍ବରୁ

୨୧. ପାନ ବେପାର କରୁଥିବା ଲୋକଟି ଅନ୍ୟ ଗ୍ରାମକୁ ଗଲା । ବାକ୍ୟଟିକୁ ସଂକ୍ଷେପରେ ଲେଖ ?
(କ) ପାନ ବେପାରୀ ଅନ୍ୟ ଗ୍ରାମକୁ ଗଲା । (ଖ) ପାନ ବେପାରୀ ଗ୍ରାମାନ୍ତରକୁ ଗଲା ।
(ଗ) ପାନରା ଅନ୍ୟ ଗ୍ରାମକୁ ଗଲା । (ଘ) ପାନରା ଗ୍ରାମାନ୍ତର ଗଲା ।

୨୨. ଅନ୍ୱେଷଣ- ଏହି ଶବ୍ଦରେ କେଉଁ ବର୍ଣ୍ଣ ପରେ 'ଣ' ଅଛି ?
(କ) 'ଷ' ପରେ (ଖ) 'ନ' ପରେ (ଗ) 'ଅ' ପରେ (ଘ) 'ଏ' କାର ପରେ

୨୩. ଦର୍ପଣ – ଏଠାରେ 'ର' ଓ 'ନ' ମଧ୍ୟରେ କେଉଁ ବର୍ଣ୍ଣ ର ବ୍ୟବଧାନ ଅଛି ?
(କ) 'ଦ' ବର୍ଣ୍ଣ (ଖ) 'ପ' ବର୍ଣ୍ଣ (ଗ) 'ର୍ ' ବର୍ଣ୍ଣ (ଘ) 'ଅ' କାର

୨୪. କେଉଁ ପ୍ରତ୍ୟୟଯୁକ୍ତ ହେଲେ 'ସ' 'ଷ' ହେବ ନାହିଁ ?
(କ) 'ତ' ପ୍ରତ୍ୟୟ (ଖ) 'ଅ' ପ୍ରତ୍ୟୟ (ଗ) 'ଆଣି' ପ୍ରତ୍ୟୟ (ଘ) 'ସାତ୍' ପ୍ରତ୍ୟୟ

୨୫. ଆଷାଢ଼ – ଏଠାରେ 'ଷ' ଅଛି କାହିଁକି ?
(କ) 'ଆ' ପରେ ଥିବାରୁ (ଖ) ସ୍ୱାଭାବିକ୍ ଭାବରେ
(ଗ) ତତ୍ ସମ ଶବ୍ଦ ହେତୁ (ଘ) ଦେଶଜ ଶବ୍ଦ ହେତୁ

୨୬. ସୁକେଶିନୀ – ଏହା କି ପ୍ରକାର ଅଶୁଦ୍ଧି ?
(କ) ବଚନଗତ (ଖ) ବିଶେଷ୍ୟ ଗତ (ଗ) ବନାନ ଗତ (ଘ) ଲିଙ୍ଗ ଗତ

୨୭. ଠିକ୍ ଶବ୍ଦଟି ବାଛି ଲେଖ ।
(କ) ଋଣ ଗ୍ରସ୍ତ (ଖ) ରଣ ଗ୍ରସ୍ତ (ଗ) ରୁଣଗ୍ରସ୍ତ (ଘ) ରୁଣ ଗ୍ରସ୍ତ

୨୮. ସବୁ କବିମାନେ ପ୍ରାକୃତିକ ବର୍ଣ୍ଣନାରେ ସିଦ୍ଧହସ୍ତ – ଏହାର ଶୁଦ୍ଧରୂପେ କ'ଣ ହେବ ?
(କ) କବିମାନେ ପ୍ରକୃତ ବର୍ଣ୍ଣନାରେ ସିଦ୍ଧହସ୍ତ (ଖ) ସବୁ କବି ପ୍ରାକୃତିକ ବର୍ଣ୍ଣନାରେ ସିଦ୍ଧହସ୍ତ
(ଗ) କବିମାନେ ପ୍ରକୃତି ବର୍ଣ୍ଣନାରେ ସିଦ୍ଧ ହସ୍ତ (ଘ) କବିମାନେ ପ୍ରାକୃତିକ ବର୍ଣ୍ଣନାରେ ସିଦ୍ଧହସ୍ତ

୨୯. କିଏ କବିତାକୁ ଗତିଶୀଳ କରାଇଥାଏ ?
(କ) ମିତ୍ରାକ୍ଷର (ଖ) ଯତି (ଗ) ଛନ୍ଦ (ଘ) ପଦ

୩୦. ପଦର ପ୍ରତ୍ୟେକ ପଂକ୍ତିକୁ କ'ଣ କହନ୍ତି ?
(କ) ଯତିପାତ (ଖ) ଧାଡି (ଗ) ଛନ୍ଦ (ଘ) ପାଦ

# 2nd PRACTICE TEST FOR CLASS-X
## FIRST LANGUAGE ODIA(FLO) (ଓଡ଼ିଆ)
### SUBJECTIVE (PART-II)

ପରୀକ୍ଷାର୍ଥୀ ଯଥା ସମ୍ଭବ ନିଜ ଭାଷାରେ ଉତର ଦେବେ ।
ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।
ସମସ୍ତ ପ୍ରଶ୍ନର ଉତର ନିର୍ଦ୍ଦେଶାନୁସାରେ ଲେଖ ।

*NAME* ........................................................................................*ROLL NO*....................... *SECTION* ..........

ସମୟ : ୧ଘଂଟା                                                                 ପୂର୍ଣ୍ଣ ସଂଖ୍ୟା : ୩୦

୧. ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ ।                                   2 X 5 = 10

(କ) ଜନ୍ମଭୂମି ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ?

କିମ୍ବା ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ଆଲୋଚନା କର ।

(ଖ) ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର ।

କିମ୍ବା ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି - ଆଲୋଚନା କର ।

୨. ପ୍ରାୟ ୨୦୦ ଶବ୍ଦରେ ଯେ କୌଣସି ଗୋଟିଏ ପ୍ରସଙ୍ଗରେ ପ୍ରବନ୍ଧ ଲେଖ ।                   1 X 10 = 10

(କ) ବର୍ଷାକାଳୀନ ପଲ୍ଲୀ ପ୍ରକୃତି (ଉପକ୍ରମ, ପଲ୍ଲୀ ପ୍ରକୃତି, ପର୍ବପର୍ବାଣି, ଉପସଂହାର)

(ଖ) ତୁମର ପ୍ରିୟ ଲେଖକ ( ଉପକ୍ରମ, ପ୍ରିୟ ଲେଖକଙ୍କ ବୈଶିଷ୍ଟ୍ୟ - ତୁମ ଜୀବନ ଉପରେ ତାଙ୍କର ପ୍ରଭାବ- ଉପସଂହାର)

(ଗ) ବିଜ୍ଞାନର ଉପକାରିତା ( ଉପକ୍ରମ, ବିଜ୍ଞାନର ଅର୍ଥ- ଏହାର କ୍ରମବିକାଶ, ଉପକାରିତା, ଏହାର ଦୁରୂପଯୋଗ ଜନିତ ଅପକାରିତା- ଉପସଂହାର)

୩. ନିମ୍ନ ପ୍ରଦତ୍ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ଲେଖ ।   5 X 2 = 10

(କ) ଆଜି ସମଗ୍ର ବିଶ୍ୱରେ ଅର୍ଥନୈତିକ ପ୍ରଗତି ପାଇଁ ପ୍ରତିଦ୍ୱନ୍ଦିତା ଚାଲିଛି । ଏହି ପ୍ରତିଦ୍ୱନ୍ଦିତାରେ କୃଷିକୁ ପଛରେ ପକାଇ ଶିଳ୍ପାନୁଷ୍ଠାନ ଗୁଡ଼ିକ ଆଗକୁ ମାଡି ଚାଲିଛନ୍ତି । ଅବଶ୍ୟ ଏ କଥା ସତ୍ୟ ଯେ, ଦେଶର ଅର୍ଥନୀତି ଉପରେ ତା'ର ପ୍ରଗତି ନିର୍ଭର କରେ । ସାମ୍ପ୍ରତିକ ସମୟରେ କୃଷି ଓ ଶିଳ୍ପ ଉଭୟକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ତେବେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକ ପୁଞ୍ଜି ଓ ଭୂମି ତଥା କଂଚାମାଲ ଆବଶ୍ୟକ ହେଉଥିବାରୁ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ କ୍ଷୁଦ୍ରଶିଳ୍ପ ବା କୁଟୀର ଶିଳ୍ପ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେବା ପାଇଁ ମହାତ୍ମାଗାନ୍ଧୀ କହୁଥିଲେ । ଏହାଦ୍ୱାରା ପଲ୍ଲୀ ତାଥା ପଲ୍ଲୀବାସୀଙ୍କ ଉନ୍ନତି ସଙ୍ଗେ ସଙ୍ଗେ ସମଗ୍ର ଦେଶର ଅର୍ଥନୈତିକ ପ୍ରଗତି ସମ୍ଭବ ହେବ । ବର୍ତ୍ତମାନ ଦେଶର ଯେଉଁ ଉତ୍କଟ ବେକାର ସମସ୍ୟା ସୃଷ୍ଟି ହୋଇଛି ତା'ର ସମାଧାନ ସହଜ ହେବ । ଶିକ୍ଷିତ ବେକାରମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ପଲ୍ଲୀର ଯୁବଶକ୍ତି ସହର ଆଡକୁ ଧାଉଁଛି । ଗ୍ରାମମାନଙ୍କରେ ଶିଳ୍ପ ପ୍ରତିଷ୍ଠା ହେଲେ ଜନ ସାଧାରଣଙ୍କ ଦୃଷ୍ଟି ସହରରୁ ପୁଣି ଗ୍ରାମ ଆଡକୁ ଫେରିଯିବ । ଅଧିକାଂଶ ଲୋକ କର୍ମ ସଂସ୍ଥାନ ପାଇ ପାରିବେ । ସମବାୟ ଭିତିରେ ପ୍ରତିଷ୍ଠିତ ଏହି ଶିଳ୍ପାନୁଷ୍ଠାନ ଗୁଡ଼ିକରେ କୃଷିଜାତ ଦ୍ରବ୍ୟର ଉପଯୋଗ ହେବା ଫଳରେ ଗ୍ରାମର କୃଷକମାନେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହେବେ । ତେବେ ଏ ସବୁର ସଫଳତା ଆମ ଦେଶର ଯୋଜନା ପ୍ରସ୍ତୁତକାରୀ କର୍ମକର୍ତ୍ତାଙ୍କ ନିଷ୍ଠା ଓ ସଚ୍ଚୋଟପଣିଆ ଉପରେ ନିର୍ଭର କରେ ।

ପ୍ରଶ୍ନାବଳୀ

(କ) ଦେଶର ପ୍ରଗତି କାହା ଉପରେ ନିର୍ଭର କରେ ?

(ଖ) ବୃହତ ଶିଳ୍ପ ପ୍ରତିଷ୍ଠା ଭାରତରେ ଗ୍ରହଣୀୟ ନୁହେଁ କାହିଁକି ?

(ଗ) ବେକାର ସମସ୍ୟାର ସମାଧାନ ସହଜ ହେବ କିପରି ?

(ଘ) କୃଷକମାନଙ୍କର ଉନ୍ନତି କେଉଁ ଉପାୟରେ ସମ୍ଭବ ହେବ ?

(ଙ) ସବୁ ଯୋଜନାର ସଫଳତା କାହା ଉପରେ ନିର୍ଭର କରେ ?

କିମ୍ବା

(ଖ) ପ୍ରାୟ ୫୦ଟି ଶବ୍ଦରେ ସପ୍ରସଙ୍ଗ ସରଳାର୍ଥ ଲେଖ ।                                   1 X 5 = 05

ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ୟାସୀର ଯଥାର୍ଥ ବ୍ରତ ।

କିମ୍ବା ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ତାର ଶଂସାରେ ।

ଏବଂ

(ଗ) ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ଲିଖନ କିମ୍ବା ଦରଖାସ୍ତ ଲେଖ ।                          1 X 5 = 05

ଗଛ ଲତା ପ୍ରତି ଯତ୍ନ ନେବାର ଆବଶ୍ୟକତା ସମ୍ପର୍କରେ ନିଜ ସାନଭାଇକୁ ପତ୍ର ଲେଖ ।

କିମ୍ବା ତୁମ ଅଂଚଳରେ ମଶା ଉପଦ୍ରବକୁ କମାଇବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

# 2nd PRACTICE TEST FOR CLASS-X
# GENERAL SCIENCE(GSC) ( ବିଜ୍ଞାନ)

## OBJECTIVE (PART - I)

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି ।
ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛି ବୃତ୍ତଟିକୁ କଳା / ନୀଳ ବଲ୍ ପଏଂଟ ପେନ୍ ଦ୍ୱାରା ସଂପୂର୍ଣ୍ଣ କଳା / ନୀଳ କର ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ / (ଏକ) ନମ୍ବର । ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

*NAME* .................................................. ..............................*ROLL NO*........................ *SECTION* ..........

ସମୟ : ୧ଘଂଟା — କ - ବିଭାଗ (ଭୌତିକ ବିଜ୍ଞାନ) — ପୂର୍ଣ୍ଣ ସଂଖ୍ୟା : ୩୦

A B C D

1. ମେଣ୍ଡେଲିଫଙ୍କ ପ୍ରସ୍ତାବିତ ଏକ - ସିଲିକନ୍‌ର ଧର୍ମ କାହାର ଧର୍ମ ସହ ସମାନ ?
(a)ଗାଲିଲିୟମ୍ (b) ଜର୍ମାନିୟମ୍ (c)ସ୍କାଣ୍ଡିୟମ୍ (d) ଏଲୁମିନିୟମ୍ ○ ○ ○ ○

2. ଗୋଟିଏ ମୌଳିକର ପରମାଣୁକ୍ରମାଙ୍କ ୨୦ ହେଲେ ତାହା କେଉଁ ପର୍ଯ୍ୟାୟ ଏବଂ କେଉଁ ଗ୍ରୁପରେ ଅବସ୍ଥାନ କରିବ ? ○ ○ ○ ○
(a) ୨ ଏବଂ ୪ (b) ୩ ଏବଂ ୨ (c) ୪ ଏବଂ ୨ (d) ୪ ଏବଂ ୩

3. ମେଣ୍ଡେଲିଫଙ୍କ ପର୍ଯ୍ୟାୟ ସାରଣୀରେ ପ୍ରତି ସ୍ତମ୍ଭ ଉପରେ ଲେଖାଥିବା 'R' ର ଅର୍ଥ କ'ଣ ?
(a) ସେହି ଗ୍ରୁପ୍‌ର ପ୍ରଥମ ମୌଳିକ (b) ରେଡିୟମ୍ ○ ○ ○ ○
(c) ରାଡନ୍ (d) ସେହି ଗ୍ରୁପର ଯେକୌଣସି ମୌଳିକ

4. ଆଲକିନ୍ ଶ୍ରେଣୀର ସପ୍ତମ ଯୌଗିକ ଅଣୁ ଗଠନ ପାଇଁ କେତୋଟି ଇଲେକ୍ଟ୍ରନ୍ ଆବଶ୍ୟକ ହେବ ?
(a)୩୦ (b) ୩୬ (c)୪୮ (d) ୪୨ ○ ○ ○ ○

5. କେଉଁଟି ଏକ ଅପୃକ୍ତ ହାଇଡ୍ରୋକାର୍ବନ ନୁହେଁ ?
(a) ସାଇକ୍ଲୋହେକ୍‌ସେନ୍ (b) ଏସିଟିଲିନ୍ (c) ବେଞ୍ଜିନ୍ (d) ପ୍ରୋପାଇନ୍ ○ ○ ○ ○

6. ବେଞ୍ଜିନ୍‌ର ସଂରଚନାରେ କେତୋଟି ଦ୍ୱିବନ୍ଧ ଅଛି ? ○ ○ ○ ○
(a) ୧ (b) ୨ (c) ୩ (d) ୪

7. କେଉଁଟି ଏକ ଉଭୟ ଧର୍ମୀ ଅକ୍‌ସାଇଡ୍ ଅଟେ ?
(a) $MgO$ (b) $Na_2O$ (c) $CaO$ (d) $Al_2O_3$ ○ ○ ○ ○

8. କେଉଁ ଧାତୁ ଦ୍ୱୟକୁ ହାତ ପାପୁଲିରେ ରଖିଲେ ତରଳିଯାଏ ?
(a) ଗାଲିୟମ୍ ଓ ସୀସିୟମ୍ (b) ତମ୍ବା ଓ ଟିଣ ○ ○ ○ ○
(c) ବେରିୟମ୍ ଓ ବେରିଲିୟମ୍ (d) କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ୍

9. ନିମ୍ନୋକ୍ତ ଉକ୍ତି ମଧ୍ୟରୁ କେଉଁଟି ଭୁଲ୍ ଅଟେ ?
(a) ସୁନାର ତନ୍ୟତା ଗୁଣ ସର୍ବାଧିକ (b) ଗ୍ରାଫାଇଟ୍ ବିଦ୍ୟୁତ୍ ପରିବାହୀ ○ ○ ○ ○
(c) ସଲଫର ର ଧାତବ ଔଜ୍ଜ୍ୱଲ୍ୟ ଅଛି (d) ବ୍ରୋମିନ ତରଳ ଅବସ୍ଥାରେ ମିଳେ

10. କେଉଁ ଯୌଗିକକୁ ପାକସ୍ଥଳୀରେ ସୃଷ୍ଟି ହେଉଥିବା ଅଧିକ ଅମ୍ଳକୁ ପ୍ରଶମନ ପାଇଁ ବ୍ୟବହାର କରାଯାଏ ?
(a) $NaHCO_3$ (b) $Na_2CO_3$ (c) $K_2CO_3$ (d) $KOH$ ○ ○ ○ ○

11. ନିମ୍ନୋକ୍ତ ମଧ୍ୟରୁ କେଉଁଟିର ପ୍ରସ୍ତୁତିପାଇଁ କ୍ଲୋର- ଆଲ୍‌କାଲି ପ୍ରଣାଳୀରୁ ଉତ୍ପନ୍ନ ହେଉଥିବା ଉତ୍ପାଦ ଆବଶ୍ୟକ ହୁଏ ନାହିଁ ?
(a) ବନସ୍ପତି ଘିଅ (b) କୀଟନାଶକ ○ ○ ○ ○
(c) କୃତିମ ତନ୍ତୁ (d) ଘର୍ଷଣ ହ୍ରାସକ ତୈଳ

12. ସୋଡିୟମ୍ କାର୍ବୋନେଟ୍‌ରୁ କେଉଁ ପଦ୍ଧତିରେ ଧୋଇବା ସୋଡା ପ୍ରସ୍ତୁତ କରାଯାଏ ? ○ ○ ○ ○
(a) ପାତନ (b) ଆଂଶିକପାତନ (c)ଊର୍ଦ୍ଧ୍ୱପାତନ (d) ସ୍ଫଟିକୀକରଣ

13. ନିମୋକ୍ତ ମଧ୍ୟରୁ କେଉଁ ପ୍ରତିକ୍ରିୟାଟି ସମ୍ଭବ ନୁହେଁ ?
(a) $Fe + CuSO_4 \rightarrow FeSO_4 + Cu$
(b) $Pb + Cl_2 Cu \rightarrow PbCl_2 + Cu$ ○ ○ ○ ○
(c) $Mg + CaCO_3 \rightarrow MgCO_3 + Ca$
(d) $Zn + CuSO_4 \rightarrow ZnSO_4 + Cu$

14. ଜଳର ବିଦ୍ୟୁତ୍ ବିଘଟନ ବେଳେ କ୍ୟାଥୋଡ୍ ଏବଂ ଏନୋଡ୍‌ଠାରେ ସଂଗୃହୀତ ଗ୍ୟାସ ଦ୍ୱୟର କ୍ରମ କ'ଣ ଅଟେ ।

(a) $O_2$ ଓ $H_2$ (b) $H_2$ ଓ $O_2$ (c) $N_2$ ଓ $O_2$ (d) $N_2$ ଓ $H_2$

15. $CO(g) + 2H_2(g) \rightarrow CH_3OH(l)$ ରାସାୟନିକ ପ୍ରତିକ୍ରିୟାଟି କେଉଁ ଚାପରେ ସମ୍ଭବ ହେବ ?

(a) 340 atm (b) 430 atm (c) 240 atm (d) 403 atm

## ଖ - ବିଭାଗ (ଜୀବ ବିଜ୍ଞାନ)

16. କେଉଁ ସ୍ୱତନ୍ତ୍ର ବର୍ଣ୍ଣକଣା ଉଦ୍ଭିଦର ଫୁଲ ଧରିବା ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ ?

(a)ସାଇଟୋକାଇନିନ୍ (b) ଫାଇଟୋକ୍ରୋମ୍ (c)ଏଥିଲିନ୍ (d) ଆବସିସିକ୍

17. ୟୁରିଆ ର ସଙ୍କେତ ନିମ୍ନଲିଖିତ ମଧ୍ୟରୁ କେଉଁଟି ?

(a) NH-CO-NH (b) $CO_2$ - NH - $CO_2$

(c) $NH_2$ - CO - $NH_2$ (d) NH- $CO_2$ - NH

18. ହୃତ୍‌ପିଣ୍ଡର ସଂକୋଚନ ଜନିତ ଚାପକୁ କ'ଣ କୁହାଯାଏ ?

(a) ମୂଳଜ ଚାପ (b) ଡ଼ାୟାଷ୍ଟୋଲିକ୍ (c) ହାଇପରଟେନ୍‌ସନ୍ (d) ସିଷ୍ଟୋଲିକ୍

19. ଲସିକାଭ ଅଙ୍ଗ ଅଟେ କେଉଁଟି ?

(a) ଟନ୍‌ସିଲ୍ (b) ଗ୍ଲଟିସ୍ (c) ଗଲେଟ୍ (d) କପାଟିକା

20. କାହାର ଶୃଙ୍ଖଳ ଦ୍ୱାରା ପ୍ରୋଟିନ୍ ଗଠିତ ହୁଏ ?

(a) ଲୌହ (b) ଏମିନୋ ଅମ୍ଳ (c) ଲିପିଡ (d) ଗ୍ଲୁକୋଜ

21. କେଉଁ ରକ୍ତବର୍ଗ କୁ 'ସର୍ବଜନ ଗ୍ରହୀତା' କୁହାଯାଏ ?

(a) A ବର୍ଗ (b) B ବର୍ଗ (c) O ବର୍ଗ (d) AB ବର୍ଗ

22. ଏରିଥ୍ରୋପୋଇଏଟିନ୍ ହରମୋନ୍ କେଉଁଥିରୁ କ୍ଷରିତ ହୁଏ ?

(a) ପିନିଆଲ୍ (b) ଶୁକ୍ରାଶୟ (c) ବୃକକ୍ (d) ଆଗ୍ନାଶୟ

23. ମସ୍ତିଷ୍କର ବାହ୍ୟ ଆବରଣ କୁ କ'ଣ କୁହାଯାଏ ?

(a) ମିନିଞ୍ଜେସ (b) ପିଣ୍ଡ ଚତୁଷ୍କ (c) ପ୍ରମସ୍ତିଷ୍କ (d) ଅନୁମସ୍ତିଷ୍କ

24. ତମାଖୁ ପତ୍ରରେ କେଉଁ ଉପକ୍ଷାର ଥାଏ ?

(a) ସିନ୍‌କୋନା (b) କୁଇନାଇନ୍ (c) ରେଜିନ୍ (d) ନିକୋଟିନ୍

25. କେଉଁଟି ଜଳ ପରିବହନ ର ତତ୍ତ୍ୱ ନୁହେଁ ?

(a) କୈଶିକ ଆକର୍ଷଣ (b) କେଲଭିନ୍ ଚକ୍ର (c) ମୂଳଜ ଚାପ (d) ତତ୍ତ୍ୱ (ସଂସକ୍ତି ତତ୍ତ୍ୱ)

26. ଇସ୍‌ଚେରିଚିଆ କୋଲି ବ୍ୟାକ୍ଟେରିଆ ଆମ ଶରୀରରେ କେଉଁ ଭିଟାମିନ୍ ପ୍ରସ୍ତୁତ କରେ ?

(a) ଭିଟାମିନ୍ B6 (b) ଭିଟାମିନ୍ B12

(c) ଭିଟାମିନ୍ C (d) ଭିଟାମିନ୍ K

27.. କେଉଁ ପ୍ରୋଟିନ୍ ଯୋଗୁ ରକ୍ତ ଶରୀର ମଧ୍ୟରେ ତରଳ ଅବସ୍ଥାରେ ଥାଏ ?

(a) ହିପାରିନ୍ (b) ସୋଡିୟମ୍ ଅକ୍‌ଜାଲେଟ୍

(c) ଆଲ୍‌ବୁମିନ୍ (d) ହିରୁଡିନ୍

28. ଗ୍ଲୋମେରୁଲସ୍ ଓ ବାଓମ୍ୟାନ୍ସ କ୍ୟାପସୁଲ୍ ମିଶି କ'ଣ ଗଠନ କରନ୍ତି ?

(a) ଉପ ଧମନୀ (b) ନେଫ୍ରିଡିଆ

(c) ଶିଖା କୋଷ (d) ମାଲପିଗିଆନ୍

29. କେଉଁ ହରମୋନ୍ ର ବୃଦ୍ଧି ଯୋଗୁ ଉଦ୍ଭିଦର ଫଳ ପାଚେ ଓ ପତ୍ର ଝଡ଼ି ଥାଏ ?

(a) ଅକ୍‌ସିନ୍ (b) ସାଇଟୋକାଇନିନ୍

(c) ଏଥିଲିନ୍ (d) ଜିବରେଲିନ୍

30. ଲାଜକୁଳୀ ଲତାର ଗତିକୁ କ'ଣ କୁହାଯାଏ ?

(a) ଅନ୍ତର୍କୁଂଚନ (b) ଜ୍ୟାନୁବର୍ତ୍ତନ

(c) ଷ୍ଟୋମାଟାର (d) ଆଲୋକାନୁବର୍ତ୍ତନ

# 2nd PRACTICE TEST FOR CLASS-X
# GENERAL SCIENCE(GSC) (ବିଜ୍ଞାନ)
## SUBJECTIVE (PART-II)

ପରୀକ୍ଷାର୍ଥୀ ଯଥା ସମ୍ଭବ ନିଜ ଭାଷାରେ ଉତର ଦେବେ ।
ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।
ସମସ୍ତ ପ୍ରଶ୍ନର ଉତର ନିର୍ଦ୍ଦେଶାନୁସାରେ ଲେଖ ।

*NAME* ........................................ ........................*ROLL NO*...................... *SECTION* ..........

ସମୟ : ୧ଘଂଟା

## କ - ବିଭାଗ (ଭୌତିକ ବିଜ୍ଞାନ)

ପୂର୍ଣ୍ଣ ସଂଖ୍ୟା : ୩୦

୧. (କ) ଗୋଟିଏ ଉଦାହରଣ ନେଇ ଡୁବେରିନର୍‌ଙ୍କ ତ୍ରାଇଏଡ୍‌ର ବିଶେଷତ୍ୱ ଏବଂ ଏଥିରେ ଥିବା ତ୍ରୁଟିଗୁଡ଼ିକ ଉଲ୍ଲେଖ କର । (୩)

କିମ୍ବା

କେଉଁ ଅମ୍ଳ ଓ କ୍ଷାର ର ମିଶ୍ରଣରୁ ଖାଇବା ଲୁଣ ସୃଷ୍ଟି ହୁଏ ? ଏହା କେଉଁ ଉତ୍ସରୁ ମିଳିଥାଏ ? କଠିନ ଖଣିଜ ଲବଣର ବର୍ଣ୍ଣ କାହିଁକି ବାଦାମୀ ହୋଇଥାଏ ?

(ଖ) ସହ ସଂଯୋଜ୍ୟ ବନ୍ଧ କାହାକୁ କୁହାଯାଏ ? କାର୍ବନ କାହିଁକି ବିଦ୍ୟୁତ୍ ସଂଯୋଜ୍ୟର ଯୌଗିକ ଗଠନ ନ କରି ସର୍ବଦା ସହ ସଂଯୋଜ୍ୟ ଯୌଗିକ ଗଠନ କରେ ? (୩)

କିମ୍ବା

ଆଲକେନ୍, ଆଲକିନ୍ ଏବଂ ଆଲ୍‌କାଇନ୍ କ'ଣ ବୁଝାଇ ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ଉଦାହରଣ ଦିଅ ?

(ଗ) ଥର୍ମିଟ୍ ପ୍ରତିକ୍ରିୟାର ସମୀକରଣଟି ଲେଖ । ଏହାକୁ ଝଳେଇ ତଥା ରେଳଧାରଣା ଯୋଡିବାରେ ବ୍ୟବହାର କରାଯାଏ କାହିଁକି ? (୨)

କିମ୍ବା

ଗୋଟିଏ ଧଳାରଙ୍ଗର ଲବଣ 'X' କୁ ସୂର୍ଯ୍ୟାଲୋକରେ ରଖିଲେ ତାହା ଧୂସର ରଙ୍ଗର ପଦାର୍ଥ 'Y' ରେ ପରିଣତ ହୁଏ । 'X' ଓ 'Y' କୁ ଚିହ୍ନଟ କରି ପ୍ରତିକ୍ରିୟାଟିକୁ ସମୀକରଣ ଦ୍ୱାରା ପ୍ରକାଶ କର ।

୨. (କ) ସଂଶ୍ଳେଷଣ, ବିଘଟନ, ବିସ୍ଥାପନ ଓ ଦ୍ୱୈତ ବିସ୍ଥାପନ ରାସାୟନିକ ପ୍ରତିକ୍ରିୟାକୁ ଉଦାହରଣ ଦ୍ୱାରା ବୁଝାଇ ଲେଖ ? (୪)

କିମ୍ବା

ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଏଲୁମିନିୟମ୍ ଧାତୁମାନଙ୍କର ଜଳସହ ରାସାୟନିକ ପ୍ରତିକ୍ରିୟାକୁ ସମୀକରଣ ସାହାଯ୍ୟରେ ଲେଖ ।

(ଖ) ସୋଡିୟମ୍, ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍ ଧାତୁ ସହ ଅମ୍ଳର ପ୍ରତିକ୍ରିୟାକୁ ସମୀକରଣ ସାହାଯ୍ୟରେ ପ୍ରକାଶ କର ? (୩)

କିମ୍ବା

ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀ ଏବଂ ଆଧୁନିକ ପର୍ଯ୍ୟାୟ ସାରଣୀ ମଧ୍ୟରେ ଯେ କୌଣସି ତିନୋଟି ପାର୍ଥକ୍ୟ ଦର୍ଶାଅ ।

## ଖ - ବିଭାଗ (ଜୀବ ବିଜ୍ଞାନ)

୩. (କ) ରକ୍ତ କିପରି ଜମାଟ ବାନ୍ଧେ ବୁଝାଇ ଲେଖ । (୩)

କିମ୍ବା

ଗ୍ଲୋମେରୁଲସ୍ ର କାର୍ଯ୍ୟ ଲେଖ ।

(ଖ) ପାକସ୍ଥଳୀର କାର୍ଯ୍ୟ ବର୍ଣ୍ଣନା କର । (୩)

କିମ୍ବା

ଗ୍ୟାସ୍ ପରିବହନ କିପରି ହୁଏ ବୁଝାଇ ଲେଖ ।

(ଗ) କୁକୁରର ଘ୍ରାଣଶକ୍ତି ମନୁଷ୍ୟ ଠାରୁ ପ୍ରଖର କାହିଁକି ? (୨)

କିମ୍ବା

ଉତ୍ସ୍ୱେଦନ ସ୍ରୋତ କ'ଣ ଲେଖ ?

୪. (କ) ମଣିଷ ହୃତ୍‌ପିଣ୍ଡର ଆଭ୍ୟନ୍ତାରୀଣ ଗଠନ ଓ କାର୍ଯ୍ୟ ଉଲ୍ଲେଖ କର । (୪)

କିମ୍ବା

କୋଷଜୀବକରେ ପାଇରୁଭିକ୍ ଅମ୍ଳର ପରିବେଶ ଅନୁରୂପ କାର୍ଯ୍ୟକାରିତା ଗୁଡ଼ିକ ଉଲ୍ଲେଖ କର ।

(ଖ) ମନୁଷ୍ୟ ର ରେଚନ ତନ୍ତ୍ର ର ଏକ ନାମାଙ୍କିତ ଚିତ୍ର ଅଙ୍କନ କର । (୩)

କିମ୍ବା

ସାଇଟ୍ରିକ୍ ଅମ୍ଳ ଚକ୍ରର ରେଖାଙ୍କିତ ଚିତ୍ର ଅଙ୍କନ କର ।

## 2nd PRACTICE TEST FOR CLASS-X

## THIRD LANGUAGE HINDI (TLH)

**TIME-1.00 hour** **OBJECTIVE (PART- I)** **FULL MARK - 30**

निम्नलिखित सभी प्रश्नों के उत्तर दीजिए । प्रत्येक प्रश्न के चार संभावित उत्तर दिए गए हैं, उनमें से सही उत्तर को चुनकर लिखिए ।

*NAME .................................................................................ROLL NO....................... SECTION ..........*

A B C D

1. झूठ के बराबर क्या नहीं है ?
   (A) जप (B) तप (C) पाप (D) पुण्य O O O O
2. किस धन के सामने सारे दूसरे धन धूरि के समान है ?
   (A) गजधन (B) बाजिधन (C) रतन धन (D) संतोष धन O O O O
3. किसका रंग श्याम है ?
   (A) नंद (B) यशोदा (C) कृष्ण (D) बलराम O O O O
4. तरुवर क्या नहीं खाता है ?
   (A) फल (B) पुष्प (C) मिठाई (D) दूध O O O O
5. कौन हमारे साथ हैं ?
   (A) मित्र (B) परिवार (C) त्रिलोकनाथ (D) पड़ोशी O O O O
6. एक तिनका कहाँ से उड़कर आया था ?
   (A) पास (B) दूर (C) हवा (D) आसमान O O O O
7. एक बंधु को दूसरे बंधु की क्या हरना चाहिए ?
   (A) धन (B) ज्ञान (C) मित्रता (D) व्यथा O O O O
8. कौन दबे पाँव भागी ?
   (A) ऐंठ (B) तिनका (C) आँख (D) समझ O O O O
9. किंस के द्वारा मनुष्य की सामाजिकता कायम है ?
   (A) ज्ञान (B) भाषा (C) सम्मान (D) बुद्धि O O O O
10. वचनों का माधुर्य हृदयद्वार खोलने की क्या है ?
   (A) सीढ़ी (B) बात (C) कुँजी (D) पाठ O O O O
11. किसकी दो लातें भी सहन की जाती हैं ?
   (A) दुधारु गाय (B) भेंष (C) बकरी (D) हाथी O O O O
12. हृदय की मलिनता के साथ और किसका योग नहीं हो सकता ?
   (A) मधुर बचनों (B) टकसाली भाव (C) ऊँचे विचार (D) कटुवाणी O O O O

[ P.T.O

13. सन्यासी लोग संसार को क्या समझते हैं ?

(A) अद्भूत (B) माया का जंजाल

(C) घर (D) कर्मभूमी O O O O

14. कब भारत के लोग स्वतत्रता के लिए कोशिश करके पराजित हो गए थे ?

(A) 1932 (B) 1947 (C) 1857 (D) 1905 O O O O

15. जीवन का वरदान क्या है ?

(A) पराधीनता (B) दौलत-कमाना (C) स्वतन्त्रता (D) भ्रमण करना O O O O

16. समूहबाचक संज्ञा शब्द है -

(A) दल (B) बालक (C) राम (D) पानी O O O O

17. जातिवाचक संज्ञा शब्द है -

(A) कोयल (B) आटा (C) पानी (D) पढ़ाई O O O O

18. पुंलिग शब्द है -

(A) भात (B) बात (C) ईंट (D) रात O O O O

19. स्त्रीलिंग शब्द है -

(A) सड़क (B) तेल (C) गगन (D) जल O O O O

20. 'पवन' शब्द का समानार्थक शब्द है :

(A) काया (B) वायु (C) शरीर (D) भवन O O O O

21. 'कुत्तिया" का पुंलिग रुप है :

(A) कुत्ते (B) कुत्ता (C) कुति (D) इन में से कोई नहीं O O O O

22. 'गुरु' का स्त्रीलिंग रूप है :

(A) गुरुदेव (B) गुरुश्री (C) गुरु (D) गुरुआइन O O O O

23. 'सही' का विलोम शब्द है :

(A) गलत (B) सच्चा (C) झूठा (D) अच्छा O O O O

24. 'सुधा' का पर्यायवाची शब्द है :

(A) आँख (B) रास्ता (C) आग (D) अमृत O O O O

25. 'लड़का' का भाववाचक संज्ञा रूप है :

(A) लड़के (B) लड़की (C) लड़कियाँ (D) लड़कपन O O O O

26. 'बात' का बहुवचन रूप है :

(A) बाँतें (B) बात (C) बातें (D) बति O O O O

27. मैं जाड़े ________ मरता हूँ ।

(A) से (B) के (C) में (D) पर O O O O

28. 'गिरना' क्रिया का प्रथम प्रेरणार्थक रूप है -

(A) गिरेगा (B) गिराना (C) गिरवाना (D) गिर जाना O O O O

29. रमेश की बहन सुंदर है । इसमें प्रयुक्त विशेषण है :

(A) रमेश (B) बहन (C) है (D) सुंदर O O O O

30. 'कोई' किस प्रकार का सर्वनाम है ?

(A) निश्चयवाचक (B) प्रश्नवाचक (C) पुरुष वाचक (D) अनिश्चयवाचक O O O O

## 2nd PRACTICE TEST FOR CLASS-X
## THIRD LANGUAGE HINDI (TLH)

**TIME-1.00 hour** | **SUBJECTIVE (PART- I)** | **FULL MARK - 30**

निम्नलिखित सभी प्रश्नों के उत्तर दीजिए । [5 x 2

1. (i) मधुर भाषण किसे कहते हैं ?

(ii) व्याख्या कीजिए :

रोष न रसना खोलिए, बरु खालिओ तरवारि ।
सुनत मधुर परिनाम हित, बोलिअ वचन विचारि ।।

**अथवा**

(i) विवेकानंद का व्यक्तित्व कैसा था ?

(ii) आँख में तिनका पड़ने पर लोग क्या करने लगे ?

2. निम्नलिखित अनुच्छेद को पढ़कर पूछे गए प्रश्नों के उत्तर दीजिए । [2 x 5

लोहड़ी पंजाबियों का प्रिय त्योहार है । यह त्योहार हर साल जनवरी को पंजाब और हरियाणा में धूमधाम से मनाया जाता है । इस दिन लोग लकड़ियाँ इकट्ठी करके उसका एक ढेर बनाते हैं । शाम के समय आग जलाई जाती है । लोग अग्नि के चारों ओर चक्कर काटते हैं और उसमें, तिल डालते हैं । एक-दूसरे को बधाई देते हैं । फिर सब आग के चारों ओर नाचते गाते हैं ।

(i) लोहड़ी किसका प्रिय त्योहार है ?

(ii) लोहड़ी त्योहार कब मनाया जाता है?

(iii) लोहड़ी के दिन लोग क्या करते हैं ?

(iv) कब आग जलाई जाती है ?

(v) अग्नि के चारों ओर लोग क्या करते हैं ?

3. हिन्दी में अनुवाद कीजिए। [2 x 5

(i) ଆଜି ବହୁତ ବର୍ଷା ହେଉଛି ।

(ii) ମୋର ଘରକୁ ଯିବାରେ ଡେରି ହେବ ।

(iii) ମୁଁ ଏକୁଟିଆ ଘରକୁ ଯାଇ ପାରିବିନି ।

(iv) ମୋର ଭାଇ ମୋତେ ନେବାକୁ ଆସିବ ।

(v) ମୁଁ ଓ ମୋର ଭାଇ ଦୁହେଁ ମିଶି ଘରକୁ ଯିବୁ ।

**अथवा**

निर्देशानुसार निम्नलिखित प्रश्नों के उत्तर दीजिए ।

(i) रेखांकित शब्द का लिंग बदलकर वाक्य को फिर से लिखिए।

<u>लड़का</u> जा रहा है ।

(ii) रेखांकित शबद का वचन बदलकर वाक्य को फिर से लिखिए ।

<u>बच्चा</u> खेल रहा है ।

(iii) 'इनकार' शब्द का प्रयोग से एक वाक्य बनाइए ।

(iv) निम्नलिखित वाक्य को शुद्ध करके लिखिए ।

सालों पहले का बात है ।

(v) कोष्ठक में से सही परसर्ग चुनकर लिखिए ।

भाषा पर मनुष्य ________ विशेष अधिकार है । (का, के, की)

[3

## 2nd PRACTICE TEST FOR CLASS-X
## MATHEMATICS(MTH)

**TIME-1.00 hour** **OBJECTIVE (PART- I)** **FULL MARK - 30**

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଉତର ଦିଆଯାଇଛି ।
ସେଥି ମଧ୍ୟରୁ ଠିକ୍ ଉତରଟି ବାଛି ବୃତଟିକୁ କଳା / ନୀଳ ବଲ୍ ପଏଂଟ ପେନ୍ ଦ୍ୱାରା ସଂପୂର୍ଣ୍ଣ କଳା / ନୀଳ କର ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ / (ଏକ) ନମ୍ବର । ସମସ୍ତ ପ୍ରଶ୍ନର ଉତର ଦିଅ ।

*NAME* .............................................. ..............................*ROLL NO*...................... *SECTION* .........

A B C D

1. $2x = y$ ଲେଖଚିତ୍ର ଲାଗି ନିମ୍ନସ୍ଥ କେଉଁଟି ସତ୍ୟ ହେବ ?
(A) x- ଅକ୍ଷ ସହ ସମାନ୍ତର ହେବ (B) y- ଅକ୍ଷ ସହ ସମାନ୍ତର ହେବ
(C) ମୂଳବିନ୍ଦୁଗାମୀ ହେବ (D) x- ଅକ୍ଷ ସହ ସମ୍ପୂର୍ଣ୍ଣ ମିଳିଯିବ O O O O

2. ନିମ୍ନସ୍ଥ କେଉଁ ସମୀକରଣର ବୀଜଦ୍ୱୟ 2 ଓ –2 ।
(A) $x^2 - 2 = 0$ (B) $x^2 - 4 = 0$ (C) $x^2 + 2 = 0$ (D) $x^2 + 4 = 0$ O O O O

3. 3, x ଓ 7 ଗୋଟିଏ A.P. ରେ ରହିଲେ x ର ମାନ କେତେ ?
(A) 5 (B) 4 (C) –4 (D) – 5 O O O O

4. "Probability" ଶବ୍ଦରୁ ଗୋଟିଏ ଅକ୍ଷର 'i' ବାଛିବାର ସମ୍ଭାବ୍ୟତା କେତେ ?
(A) $\frac{1}{11}$ (B) $\frac{2}{11}$ (C) $\frac{3}{11}$ (D) $\frac{4}{11}$ O O O O

5. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ, ଫଳ 5 ବା ତା'ଠାରୁ କମ୍ ହେବାର ସମ୍ଭାବ୍ୟତା କେତେ ?
(A) $\frac{3}{6}$ (B) $\frac{5}{6}$ (C) $\frac{6}{6}$ (D) $\frac{2}{3}$ O O O O

6. ଗୋଟିଏ A.P. ର $t_7 = 20$ ଓ $t_{18} = 42$ ହେଲେ, ସାଧାରଣ ଅନ୍ତର (d) କେତେ ?
(A) 3 (B) 4 (C) 8 (D) 2 O O O O

7. x ଓ 7 ମଧ୍ୟବର୍ତୀ ସମାନ୍ତର ମଧ୍ୟକଟି 9 ହେଲେ, x କେତେ ହେବ ?
(A) 10 (B) 11 (C) 12 (D) 9 O O O O

8. ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇ ମୌଳିକ ବା ଯୌଗିକ ହୋଇନଥିବା ସଂଖ୍ୟା ପାଇବାର ସମ୍ଭାବ୍ୟତା କେତେ ?
(A) $\frac{2}{6}$ (B) $\frac{3}{6}$ (C) 0 (D) $\frac{1}{6}$ O O O O

9. ଦୁଇଟି ମୁଦ୍ରା ଟସ୍ କରାଗଲା । ଫଳ ଆଦୌ T ନ ଆସିବାର ସମ୍ଭାବ୍ୟତା କେତେ ?
(A) $\frac{1}{3}$ (B) $\frac{1}{4}$ (C) $\frac{1}{2}$ (D) 1 O O O O

10. ନିମ୍ନଲିଖିତ ଅନୁକ୍ରମ ମଧ୍ୟରୁ କେଉଁଟି ସମାନ୍ତର ପ୍ରଗତି ନୁହେଁ ?
(A) 1, 2, 3, 4, 5...... (B) $\frac{1}{3}, \frac{2}{3}, \frac{3}{3}, \frac{4}{3}$,..........
(C) –3, –2, 0, 2, 3, 5....... (D) 1.1, 2.3, 3.5, 4.7............. O O O O

11. k ର କେଉଁ ମାନ ପାଇଁ ସହମୀକରଣ ଦ୍ୱୟ $6x + 2ky + 3 = 0$ ଓ $x + 2y + 2 = 0$ ର ଅନନ୍ୟ ସମାଧାନ ରହିବ ?

(A) k ¹ 3 (B) k ¹ 4 (C) k ¹ 6 (D) k ¹ 8 O O O O

12. $x^2 - 15px + 3 = 0$ ସମୀକରଣର ମୂଳଦ୍ୱୟ a ଓ b ହେଲେ, $\frac{1}{\alpha} + \frac{1}{\beta}$ କେତେ ହେବ ?

(A) 5P (B) – 5P (C) $\frac{1}{5P}$ (D) $\frac{1}{-5P}$ O O O O

13. ଗୋଟିଏ A.P ର ପ୍ରଥମ ପଦ 3, ସାଧାରଣ ଅନ୍ତର 4 ଏବଂ ପଦ ସଂଖ୍ୟା 10 ହେଲେ, ସମସ୍ତ ପଦର ସମଷ୍ଟି କେତେ ?

(A) 210 (B) 110 (C) 105 (D) 420 O O O O

14. $x - y = 0$ ଓ $x + y - 2 = 0$ ସହ ସମୀକରଣଦ୍ୱୟର ଲେଖଚିତ୍ର ଅଙ୍କନ କଲେ ସରଳରେଖାଦ୍ୱୟର ଛେଦବିନ୍ଦୁର ସ୍ଥାନାଙ୍କ କ'ଣ ହେବ ?

(A) (0, 0) (B) (0, 2) (C) (0, – 2) (D) (1, 1) O O O O

15. $2x + 3y + 9 = 0$ ଏବଂ $6x + ky - 13 = 0$ ସହ ସମୀକରଣଦ୍ୱୟ ଅସଙ୍ଗତ ହେଲେ, k ର ମାନ କେତେ ହେବ ?

(A) 3 (B) 6 (C) 9 (D) 12 O O O O

16. PQR ବୃତ୍ତରେ $\overline{PR}$ ଏକ ବ୍ୟାସ ହେଲେ, m $\widehat{PQR}$ କେତେ ?

(A) $90^0$ (B) $100^0$ (C) $120^0$ (D) $180^0$ O O O O

17. ଗୋଟିଏ ରେଖାଖଣ୍ଡ ସର୍ବାଧିକ କେତୋଟି ବୃତ୍ତର ବ୍ୟାସାର୍ଦ୍ଧ ହୋଇପାରିବ ?

(A) 1 (B) 2 (C) 3 (D) 4 O O O O


18. ଗୋଟିଏ ବୃତ୍ତର ବ୍ୟାସ 20 ସେ.ମି. । ଏହି ବୃତ୍ତର ଏକ ଜ୍ୟାର ଦୈର୍ଘ୍ୟ 16 ସେ.ମି. ହେଲେ, ବୃତ୍ତର କେନ୍ଦ୍ରଠାରୁ ଜ୍ୟାଟିର ଦୂରତା କେତେ ?

(A) 4 ସେ.ମି. (B) 5 ସେ.ମି. (C) 6 ସେ.ମି. (D) 8 ସେ.ମି. O O O O

19. ଗୋଟିଏ ବୃତ୍ତରେ ଏକ ଚାପର ଅନ୍ତର୍ଲିଖିତ କୋଣର ପରିମାଣ $45^0$ ହେଲେ, ସଂପୃକ୍ତ ଜ୍ୟାର ଦୈର୍ଘ୍ୟ ଓ ବ୍ୟାସାର୍ଦ୍ଧର ଅନୁପାତ କେତେ ହେବ ?


(A) 2 : 1 (B) 1 : 2 (C) $\sqrt{2}$ : 1 (D) 1 : $\sqrt{2}$ O O O O

20. ଦତ୍ତ ଚିତ୍ରରେ ABC ବୃତ୍ତର କେନ୍ଦ୍ର O । m $\widehat{AXB} = 70^0$, m $\widehat{AYC} = 130^0$ ହେଲେ, mÐBAC କେତେ ?




(A) $160^0$ (B) $130^0$ (C) $90^0$ (D) $80^0$ O O O O

21. ପାର୍ଶ୍ୱସ୍ଥ ଚିତ୍ରରେ ABC ବୃତ୍ତର କେନ୍ଦ୍ର O । mÐ OBA $= 40^0$, mÐOCA $= 30^0$ ହେଲେ, $\widehat{BDC}$ ର ଡିଗ୍ରୀ ପରିମାପ କେତେ ?




(A) $140^0$ (B) $70^0$

(C) $105^0$ (D) ଏଥିରୁ କୌଣସିଟି ନୁହେଁ O O O O

22. 56 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପର ଡିଗ୍ରୀ ପରିମାପ $90^0$ ହେଲେ, ଚାପର ଦୈର୍ଘ୍ୟ କେତେ ?

(A) 11 ସେ.ମି. (B) 22 ସେ.ମି. (C) 44 ସେ.ମି. (D) 88 ସେ.ମି. O O O O

23. ଗୋଟିଏ ବୃତର ବ୍ୟାସାର୍ଦ୍ଧ 9 ସେ.ମି. । ଏଥିରେ ଅନ୍ତର୍ଲିଖିତ ଏକ ସମବାହୁ ତ୍ରିଭୁଜର ଉଚ୍ଚତା କେତେ ହେବ ?

(A) 13.5 ସେ.ମି. (B) 12 ସେ.ମି. (C) 15 ସେ.ମି. (D) 14.5 ସେ.ମି. O O O O

24. ଦୁଇଟି ଏକକେନ୍ଦ୍ରିକ ବୃତର ଚାପର ଡିଗ୍ରୀ ପରିମାପ ସମାନ ଏବଂ ଚାପ ଦୁଇଟିର ଦୈର୍ଘ୍ୟର ସମଷ୍ଟି 50 ସେ.ମି. ଓ ବ୍ୟାସାର୍ଦ୍ଧଦ୍ୱୟର ଦୈର୍ଘ୍ୟର ଅନ୍ତର 24 ସେ.ମି. ହେଲେ ସଂପୃକ୍ତ ବୃତକଳା ଦ୍ୱୟର କ୍ଷେତ୍ରଫଳର ଅନ୍ତର କେତେ ହେବ ?

(A) 100 ବର୍ଗ ସେ.ମି. (B) 400 ବର୍ଗ ସେ.ମି

(C) 500 ବର୍ଗ ସେ.ମି. (D) 600 ବର୍ଗ ସେ.ମି. O O O O

25. $\sec^2(90^0 + \theta) - \cot^2(180^0 - \theta)$ ର ମାନ କେତେ ?

(A) 0 (B) 1 (C) –1 (D) $-\frac{1}{2}$ O O O O

26. $\cos(A+B) = \frac{1}{2}$ ଓ $\cos(A-B) = \frac{\sqrt{3}}{2}$ ହେଲେ A ର ପରିମାଣ କେତେ ?

(A) $30^0$ (B) $45^0$ (C) $60^0$ (D) $75^0$ O O O O

27. ABC ସମକୋଣୀ ତ୍ରିଭୁଜରେ $m\angle B = 90^0$, ଯଦି $\sin(A - C) = \frac{1}{2}$ ହୁଏ, ତେବେ $\angle A$ ର ପରିମାଣ କେତେ ?

(A) $45^0$ (B) $60^0$ (C) $75^0$ (D) $30^0$ O O O O

28. $\cos 1^0 . \cos 2^0 . \cos 3^0$ ......... $\cos 100^0$ . ର ମାନ କେତେ ?

(A) 2 (B) 1 (C) 0 (D) 3 O O O O

29. $\sqrt{3}\sin\theta = \cos\theta$ ହେଲେ $\theta$ ର ମାନ କେତେ ?


(A) $150^0$ (B) $30^0$ (C) $45^0$ (D) $60^0$ O O O O

30. ପାର୍ଶ୍ୱସ୍ଥ ଚିତ୍ରରେ ବୃତ PQR ର କେନ୍ଦ୍ର O ଓ $\overparen{PQ}$ ର ଏକ ଅନ୍ତଃସ୍ଥ ବିନ୍ଦୁ 'S' ଏବଂ

$m\overparen{PSQ} = 140^0$ ହେଲେ, $m\angle PSQ$ କେତେ ଡିଗ୍ରୀ ହେବ ?

(A) 90 (B) 50

(C) 40 (D) 110 O O O O



# 2nd PRACTICE TEST FOR CLASS-X
## MATHEMATICS(MTH)

**TIME-1.00 hour** **SUBJECTIVE (PART- I)** **FULL MARK - 30**

ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି । ସମସ୍ତ ପ୍ରଶ୍ନର ଉତର ନିର୍ଦ୍ଦେଶାନୁସାରେ ଲେଖ ।

**1.(a)** ନିମ୍ନ ସମୀକରଣଦ୍ୱୟର ସମାଧାନ କର ।

$11x + 15y + 23 = 0$ ଓ $7x - 2y - 20 = 0$ [5

କିମ୍ବା

$3x^2 - 14x + 8 = 0$ ସମୀକରଣକୁ ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର ।

**(b)** ଗୋଟିଏ ଲୁଡୁଗୋଟିକୁ ଦୁଇଥର ଗଡ଼ାଇ ଦିଆଗଲା । ଲୁଡୁଗୋଟି ଦୁଇଟି ଦେଖାଉଥିବା ସଂଖ୍ୟା ଦୁଇଟିର ଯୋଗଫଳ 6 ହେବାର ସମ୍ଭାବ୍ୟତା ସ୍ଥିର କର । [5

କିମ୍ବା

ଗୋଟିଏ ଅନୁକ୍ରମର $t_n = 2n + 3$ ହେଲେ, ଏହାର $S_{30}$ ନିର୍ଣ୍ଣୟ କର ।

**2.(a)** 6 ଓ 46 ମଧ୍ୟରେ ଚାରିଗୋଟି ସମାନ୍ତର ମଧ୍ୟକ ନିର୍ଣ୍ଣୟ କର । [5

କିମ୍ବା

ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଗଲା । 'ଫଳ ଅଯୁଗ୍ମ ବା ଫଳ ≥ 3' ଘଟଣାଟିର ସମ୍ଭାବ୍ୟତା ନିର୍ଣ୍ଣୟ କର ।

**(b)** $A + B + C = 90^0$ ହେଲେ ପ୍ରମାଣ କର ଯେ,

$\cot A + \cot B + \cot C = \cot A \cdot \cot B \cdot \cot C$ [5

କିମ୍ବା

ପ୍ରମାଣ କର ଯେ, $\cos 75^0 = \dfrac{\sqrt{3}-1}{2\sqrt{2}}$

**3.(a)** ପ୍ରମାଣ କର ଯେ, ଗୋଟିଏ ବୃତ୍ତର ସମାନ ଦୈର୍ଘ୍ୟ ବିଶିଷ୍ଟ ଜ୍ୟାମାନେ କେନ୍ଦ୍ରଠାରୁ ସମଦୂରବର୍ତ୍ତୀ । [5

କିମ୍ବା

ପ୍ରମାଣ କର ଯେ, ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜର ବିପରୀତ କୋଣମାନ ପରସ୍ପର ପରିପୂରକ ।

**(b)** ଗୋଟିଏ ଅର୍ଦ୍ଧବୃତ୍ତ ଆକୃତି ବିଶିଷ୍ଟ ପଡ଼ିଆର ପରିସୀମା 252 ମିଟର । ଏହାର କ୍ଷେତ୍ରଫଳ ନିର୍ଣ୍ଣୟ କର । [5

କିମ୍ବା

ଗୋଟିଏ ବୃତ୍ତକଳାର କ୍ଷେତ୍ରଫଳ 1848 ବର୍ଗମିଟର ଓ ସଂପୃକ୍ତ ଚାପର ଡିଗ୍ରୀ ପରିମାପ $120^0$ ହେଲେ, ବୃତ୍ତକଳାର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

======

## 2nd PRACTICE TEST FOR CLASS-X
## SECOND LANGUAGE ENGLISH (SLE)
## OBJECTIVE (PART - I)

**Time: 1 Hour** **Full Marks: 30**

**Answer all the questions. Each question carries one mark.**
**Each question has four alternatives. Choose the most appropriate one and darken the circle given for it (in the OMR Sheet) using black/blue ball point pen.**

*NAME* ........................................................................ *ROLL NO*...................... *SECTION*..........

| A | B | C | D |
|---|---|---|---|

1. **The summer sun in 'All Things Bright and Beautiful' is described as ________.** ○ ○ ○ ○
   A. very hot B. pleasant C. very cold D. unbearable
2. **"He made them everyone." Here 'He' refers to ________.** ○ ○ ○ ○
   A. the poet B. man C.. God D. Earth
3. **Which country does the Solitary Reaper belong to?** ○ ○ ○ ○
   A. England B. Scotland C. Arab D. France
4. **Who sings welcome notes?** ○ ○ ○ ○
   A. The cuckoo B. The nightingale
   C. The weary travelers D. The solitary reaper
5. **What is the central idea of the poem, 'The Solitary Reaper'?** ○ ○ ○ ○
   A. Reapers can sing like birds.
   B. Sweet music appeals to all.
   C. Beautiful experiences have long-lasting effects.
   D. Rich harvest makes the reaper happy.
6. **Gandhiji received his early education at ________.** ○ ○ ○ ○
   A. Gandhinagar English School C. Rajkot English School
   B. Gujarat English School D. Ahmedabad English School
7. **Gandhi thanked ________ more than his merit.** ○ ○ ○ ○
   A. his teachers B. his father C. God D. his good luck
8. **The special reason for Gandhiji's dislike for games and sports was ________.** ○ ○ ○ ○
   A. his service to his father
   B. his shyness
   C. lack of interest in games and sports
   D. his excess interest in other subjects
9. **"Kind Sir, have pity; turn your attention to poor, hungry man!" – Who is the beggar speaking to?** ○ ○ ○ ○
   A. Lushkoff B. Sergei C. Olga D. Sergei's friend
10. **Sergei provided the beggar the work of ________ first.** ○ ○ ○ ○
    A. chopping wood C. removing old broken things
    B. cutting grass D. cleaning the house
11. **Who really chopped wood for Sergei?** ○ ○ ○ ○
    A. Sergei's servant C. Sergei's friend
    B. The beggar D. Olga
12. **In the poem, 'Village Song', the mother tells her daughter that the world is full of ________.** ○ ○ ○ ○
    A. sorrows B. pleasure C. sufferings D. worries
13. **The Koil in the poem, 'Village Song' often visits ________.** ○ ○ ○ ○
    A. the mountain B. the pond C. the sea D. the river-isles

| A | B | C | D |
|---|---|---|---|

14. **According to the daughter in 'Village Song', the bridal-songs and the cradle- songs have cadences of __________.**
A. happiness B. enjoyment C. pleasure D. sorrow

15. **In the story, 'The Tiger in the House', Timothy is the name of the _______.**
A. cook B.mongrel C. keeper D. tiger cub

16. **A change came over Timothy when he was about ____months old.**
A. four B. six C. five D. seven

17. **In the story, 'The Tiger in the House', Timothy died of _____.**
A. diarrhea B. smallpox C. fever D. pneumonia

18. **The word, 'contentment' in 'A Letter to God' means: _______.**
A. firm decision C. satisfaction
B. dissatisfaction D. friendliness

19. **If you join the following pair of sentences, the complex sentence is: ________.**
**i. Mother Teresa is revered as a saint.**
**ii. She saved mankind.**
A. Mother Teresa which is revered as a saint saved mankind.
B. Mother Teresa who is revered as a saint saved mankind.
C. Mother Teresa, who saved mankind, is revered as a saint.
D. Mother Teresa, that is revered as a saint saved mankind.

20. **The soul is not mortal. Here the single word for the underlined words is: _____.**
A. imortal B. immortal C. emortal D. emmortal

21. **The train ___________ before they reached the station.**
A. has left B. had been left C. had left D. has been left

22. **If I had met him, I ______________ him to my birth day party.**
A. would invite C. could invite
B. will invite D. could have invited

23. **Sweets were distributed ______________ children.**
A. in B. for C. with D. among

24. **He is a very stupid boy. The 'Exclamatory Sentence' of this 'Declarative Sentence' is _________.**
A. How stupid boy he is! C. What a stupid boy he is!
B. What a stupid boy he is? D. What a stupid boy he is.

25. **The flower smells sweet. The underlined word is: _____.**
A. Complement B. Verb C. Object D. Adjunct

26. **Which of the following is grammatically acceptable?**
A. He is not rich and he is happy.
B. He is not rich, yet he is happy.
C. He is not rich yet he is happy.
D. He is not rich, otherwise he is happy.

27. **The number of the sick children ___________ increasing.**
A. are B. have been C. is D. have

28. **Each of the students ______________ given a prize.**
A. was B. are C. were D. have been

29. **Take the book ____________ the table.**
A. on B. of C. under D. off

30. **Pikul cut the apple ________ a knife.**
A. with B. by C. in D. to

## 2nd PRACTICE TEST FOR CLASS-X
## SECOND LANGUAGE ENGLISH (SLE)

**Time: 1 Hour** **SUBJECTIVE** **Full Marks: 30**

1. Answer the following questions, each in bout **50** words: **[ 5×2 = 10]**

   i. **"What faith! I had the faith of the man who wrote this letter to God."** Who said this? What did he do, not to shake Lencho's faith on God?

   **OR** What was Gandhiji's notion towards handwriting?

   ii. Did the poet understand the theme of the Solitary Reaper's song why ? What did he guess from the voice of the song?

   **OR** What does the daughter, in 'Village Song', say about 'the wild forest' to her mother?

2. Write an essay, in about **200** words on any one of the following topics keeping to the outlines given: **[10 Marks]**

   i. **My Grandmother** :
   (Her name, age,appearance - her dress and food–her qualities and work in the family–her relation with family members and neighbours–her care for you and why you like her.)

   ii. **A Visit to a Historical Place** :
   (Name of the place and why it is famous, time of visit–who visited with you and how you reached there - description of historical monuments and other things you saw–benefits and entertainment –your feelings, experience and suggestions.)

   iii. **Newspapers** :
   (Necessity of reading newspapers – different kinds of newspapers; daily, weekly, etc – different types of news; local, state, national, etc – benefits and entertainment you get – your opinion about a good newspaper.)

   **OR** **[5×2 = 10]**

   **i.** Imagine you are Rani Swain living in Gopalpur, Nayagarh. Write a letter, in about 100 words to your friend Pratikshya Das living in Tangi, Khordha, inviting him to your elder brother's wedding.

   **ii.** Imagine you are Kartik Barik of Capital High School, Unit-III, Bhubaneswar. Write an application, in about **100** words, to your Headmaster requesting him to grant you three days leave as you want to help your father in your sister's marriage ceremony.

3. Read the passage given below and answer the questions that follow, each in about **20** words : **[2×5 = 10]**

   One day Tolstoy happened to pass by a Russian street where he met a beggar. Tolstoy hurried through his pockets to find something he might give to that man. But they were empty. He had already given away all his money. In his pity he reached out, took the beggar in his arms, kissed him on his cheeks and said, "Don't be angry with me, my brother, I have nothing to give you."

   The face of the beggar lit up. Tears shone in his eyes, as he said, "But you called me brother –that is a great gift."

**Questions:-**

(a) Who did Tolstoy meet at the Russian street?
(b) Why did he hurry through his pockets?
(c) What did Tolstoy do out of pity?
(d) What did he call the beggar?
(e) Was the beggar happy? Which line in the passage says so?

**OR**

i. Suppose you are Bishnuprasad, working as a Reporter for The Times of India at Pipili in Puri district. You have witnessed a serious road accident killing four persons near the market place. Write a report for your newspaper giving the details of the accident in about 100 words.

ii. **Translate the following sentences into English.**

**କଟକ ଭାରତର ଗୋଟିଏ ଐତିହାସିକ ସହର । ମୁଁ ଏହି ସହରରେ ବାସ କରେ । ଏହା ମହାନଦୀ କୂଳରେ ଅବସ୍ଥିତ । ଏହା ଓଡ଼ିଶାର ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର । ଏହି ସହରରେ ଅନେକ ଶିକ୍ଷାନୁଷ୍ଠାନ ରହିଛି ।**

# 2nd PRACTICE TEST FOR CLASS-X

## SOCIAL SCIENCE(SSC) (ସାମାଜିକ ବିଜ୍ଞାନ)

### OBJECTIVE (PART - I)

ସମୟ : ୧ ଘଂଟା          ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି ।          ପୂର୍ଣ୍ଣ ସଂଖ୍ୟା : ୩୦

ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛି ବୃତ୍ତଟିକୁ କଳା / ନୀଳ ବଲ୍ ପଏଂଟ ପେନ୍ ଦ୍ୱାରା ସଂପୂର୍ଣ୍ଣ କଳା / ନୀଳ କର ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ / (ଏକ) ନମ୍ବର । ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

*NAME ................................ ..............................ROLL NO.................... SECTION .........*

### କ - ବିଭାଗ (ଭୂଗୋଳ ଓ ଅର୍ଥନୀତି)

କ ଖ ଗ ଘ

୧. କେଉଁ ମୃତିକାରେ ବୃଷ୍ଟିଜଳ ପ୍ରକ୍ଷାଳନ ଅଧିକ ହୋଇଥାଏ ?
(କ). ପଟୁ (ଖ).ଲାଟେରାଇଟ୍ (ଗ).ଅରଣ୍ୟ (ଘ).ପାର୍ବତ୍ୟ

୨. କେଉଁ ମସିହାରେ ଜାତୀୟ ଅରଣ୍ୟ ନୀତି ପ୍ରଣୟନ ଆରମ୍ଭ ହୋଇଥିଲା ?
(କ). ୧୯୬୨ (ଖ).୧୯୭୭ (ଗ).୧୯୮୮ (ଘ).୧୯୫୨

୩. ଭାରତର ମୂଳ ଭୂଖଣ୍ଡ କେଉଁ କେଉଁ ଅକ୍ଷାଂଶ ମଧ୍ୟରେ ଅବସ୍ଥିତ ?
(କ). ୮°୪' ଉତ୍ତର ଓ ୩୭°୬' ଉତ୍ତର (ଖ).୬୮°୭' ପୂର୍ବ ଓ ୯୭°୨୫' ପୂର୍ବ
(ଗ).୮°୪' ଦକ୍ଷିଣ ଓ ୩୭°୬' ଉତ୍ତର (ଘ).୮°୪' ଦକ୍ଷିଣ ଓ ୩୭°୬' ଦକ୍ଷିଣ

୪. କେଉଁଟି ସବୁଠାରୁ କୋମଳ ଖଣିଜ ଅଟେ ?
(କ). ସୁନା (ଖ).ଟାଲ୍କ (ଗ).ହୀରା (ଘ).ଅଭ୍ର

୫. କେଉଁ ଅଧାତବ ଖଣିଜଟି ବିଦ୍ୟୁତ ଓ ଇଲେକ୍ଟ୍ରୋନିକସ୍ ଶିଳ୍ପରେ ବହୁଳ ଭାବରେ ବ୍ୟବହାର ହୋଇଥାଏ ?
(କ). ଚୂନପଥର (ଖ).ଗ୍ରାନାଇଟ୍ (ଗ).ଅଭ୍ର (ଘ).ଜିପ୍‌ସମ

୬. କେଉଁ କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୯୦ ଭାଗରୁ ଅଧିକ ?
(କ). ବିଟୁମିନସ୍ (ଖ).ଆନ୍ଥ୍ରାସାଇଟ୍ (ଗ).ପିଟ୍ (ଘ)ଲିଗ୍‌ନାଇଟ୍

୭. ମାର୍ବଲ କେଉଁ ପ୍ରକାର ଶିଳା ଅଟେ ?
(କ). ଆଗ୍ନେୟ (ଖ).ପ୍ରାଥମିକ (ଗ).ରୂପାନ୍ତରିତ (ଘ).ଅବକ୍ଷିପ୍ତ

୮. କେଉଁଟି ଅକ୍ଷୟ ସମ୍ବଳ ଅଟେ ?
(କ). କୋଇଲା (ଖ).ୟୁରାନିୟମ୍ (ଗ).ପ୍ରକୃତିକ ବାଷ୍ପ(ଘ).ଜୁଆରଜଳ

୯. ଆସାମରେ ସ୍ଥାନାନ୍ତରିତ କୃଷିକୁ କଣ କୁହାଯାଏ ?
(କ). ପୋଡୁଚାଷ (ଖ).ରୋକା (ଗ).କୁମୁରି (ଘ).ଝୁମ୍

୧୦. ଭାରତର ସମୁଦାୟ ଆୟତନର ଶତକଡ଼ା ପ୍ରାୟ କେତେ ଭାଗ ଅଂଚଳରେ ପ୍ରତିବର୍ଷ ମୃତିକା କ୍ଷୟ ହୋଇଥାଏ ?
(କ). ୨୦% (ଖ).୨୧% (ଗ).୨୨% (ଘ).୨୫%

୧୧. କେଉଁ ଅର୍ଥବ୍ୟବସ୍ଥାରେ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା ଗୁଡ଼ିକ ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ?
(କ). ମିଶ୍ରିତ (ଖ).ସମାଜବାଦୀ (ଗ).ପୁଞ୍ଜିବାଦୀ (ଘ).ସାମ୍ରାଜ୍ୟବାଦୀ

୧୨. ଭାରତରେ କୃଷି କେଉଁ ମାଲିକାନାର ଅନ୍ତର୍ଭୁକ୍ତ ?
(କ). ସରକାରୀ (ଖ).ମିଶ୍ରିତ (ଗ).ରାଷ୍ଟ୍ରାୟତ (ଘ).ଘରୋଇ

୧୩. କେଉଁ ମସିହାରୁ ଭାରତରେ ଦ୍ରୁତଶିଳ୍ପାୟନ ପାଇଁ ଶିଳ୍ପନୀତି କାର୍ଯ୍ୟକାରୀ କରାଯାଉଛି ?
(କ).୧୯୪୮ (ଖ).୧୯୪୭ (ଗ).୧୯୫୦ (ଘ).୧୯୫୧

୧୪. ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ ପାଇଁ କୃଷକମାନଙ୍କୁ କେଉଁ ସ୍ତରରେ ତାଲିମ୍ ଦେବାର ବ୍ୟବସ୍ଥା ଅଛି ?
(କ).ରାଜ୍ୟ (ଖ).ବ୍ଲକ (ଗ).ଗ୍ରାମପଂଚାୟତ (ଘ).ଜିଲ୍ଲା

୧୫. ମୁଣ୍ଡପିଚ୍ଛା ଆୟ ନିରୂପଣ କରିବା ପାଇଁ ନିମ୍ନୋକ୍ତ କେଉଁଟିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ?
(କ).ଜନସଂଖ୍ୟା (ଖ).ସରକାରୀ ନୀତି ନିୟମ (ଗ).ଜାତୀୟ ଆୟ (ଘ).ବିଦେଶାଗତ

## ଖ – ବିଭାଗ (ଇତିହାସ ଓ ନଗର ବିଜ୍ଞାନ)

କ ଖ ଗ ଘ

୧୬. କାହାର ନିମନ୍ତ୍ରଣ କ୍ରମେ ଗାନ୍ଧିଜୀ ଚମ୍ପାରନ୍ ଯାଇଥିଲେ ?
(କ).ରାଜେନ୍ଦ୍ର ପ୍ରସାଦ (ଖ).ବଲ୍ଲଭ ଭାଇ ପଟେଲ
(ଗ).ରାଜକୁମାର ଶୁକ୍ଳ (ଘ).ସୁରେନ୍ଦ୍ରନାଥ ବାନାର୍ଜି

୧୭. କେଉଁ ଅନୁଷ୍ଠାନ 'ସ୍ୱରାଜ ସମାଚାର' ପତ୍ରିକା ପ୍ରକାଶ କରୁଥିଲା ?
(କ).ସ୍ୱରାଜ ମନ୍ଦିର (ଖ).ସ୍ୱରାଜ ଆଶ୍ରମ
(ଗ).ସ୍ୱରାଜ ସେବକସଂଘ (ଘ).ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ

୧୮. କେଉଁଠାରେ ଜନତା ଜଙ୍ଗଲ ଆଇନ୍ ଅମାନ୍ୟ କରିଥିଲେ ?
(କ).ପଞ୍ଜାବ (ଖ).ମହାରାଷ୍ଟ୍ର (ଗ).ଗୁଜୁରାଟ (ଘ).ଓଡ଼ିଶା

୧୯. କଂଗ୍ରେସ ଅଧିବେଶନରେ କିଏ ଭାରତଛାଡ଼ ପ୍ରସ୍ତାବ ଆଗତ କରିଥିଲେ ?
(କ).ମୌଲାନା ଆବୁଲ କାଲାମ ଆଜାଦ୍ (ଖ).ସର୍ଦ୍ଦାବଲ୍ଲଭଭାଇ ପଟେଲ
(ଗ).ଗୋବିନ୍ଦ ବଲ୍ଲଭ ପନ୍ଥ (ଘ).ଜବାହରଲାଲ ନେହେରୁ

୨୦. କେଉଁ ମସିହାରେ ସୁଭାଷଚନ୍ଦ୍ର ବୋଷ ଜାତୀୟ କଂଗ୍ରେସରେ ଯୋଗଦାନ କଲେ ?
(କ).୧୮୯୭ (ଖ).୧୯୧୯ (ଗ).୧୯୨୩ (ଘ).୧୯୨୪

୨୧. କିଏ " ଉତ୍କଳ ଦୀପିକାର " ସମ୍ପାଦକ ଥିଲେ?
(କ).ଫକୀର ମୋହନ ସେନାପତି (ଖ).ଗୌରୀଶଙ୍କର ରାୟ
(ଗ).ନୀଳମଣି ବିଦ୍ୟାରତ୍ନ (ଘ).ରାଧାନାଥ ରାୟ

୨୨. "ଉତ୍କଳ ସମ୍ମିଳନୀ" ର ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?
(କ).ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ (ଖ).ଧନୁର୍ଜୟ ନାରାୟଣ ଭଞ୍ଜଦେଓ
(ଗ).ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଘ).ହରିହର ମର୍ଦ୍ଦରାଜ

୨୩. କିଏ ମାନ୍ଦ୍ରାଜ ବିଧାନ ପରିଷଦର ସଦସ୍ୟଥିଲେ ?
(କ).ଶଶିଭୂଷଣ ରଥ (ଖ).ବିଶ୍ୱନାଥ କର
(ଗ).ନୀଳକଣ୍ଠ ଦାସ (ଘ).ଭୁବନାନନ୍ଦ ଦାସ

୨୪. କୃଷ୍ଣଚନ୍ଦ୍ର ଗଜପତି କେଉଁ ଦଳର ନେତୃତ୍ୱ ନେଇଥିଲେ ?
(କ).ସଂଯୁକ୍ତ ଦଳ (ଖ).ଜାତୀୟ କଂଗ୍ରେସ
(ଗ).ଜାତୀୟ ଦଳ (ଘ).ସ୍ୱାଧୀନଦଳ

୨୫. କେଉଁ ସ୍ଥାନରୁ ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?
(କ).କଳାହାଣ୍ଡି (ଖ).ମୟୁରଭଞ୍ଜ (ଗ).ଜୁନାଗଡ଼ (ଘ).ନୀଳଗିରି

୨୬. ଭାରତରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିମ୍ନୋକ୍ତଙ୍କ ମଧ୍ୟରୁ କିଏ ନିଯୁକ୍ତ କରନ୍ତି ?
(କ).ପ୍ରଧାନ ମନ୍ତ୍ରୀ (ଖ).ରାଷ୍ଟ୍ରପତି
(ଗ).ଭାରତର ମୁଖ୍ୟବିଚାରପତି (ଘ).ରାଜ୍ୟପାଳ

୨୭. ଲୋକ ସଭାର ନିର୍ବାଚିତ ସଦସ୍ୟ ସଂଖ୍ୟା କେତେ ?
(କ).୫୪୦ (ଖ).୫୪୧ (ଗ).୫୪୨ (ଘ).୫୪୩

୨୮. ନିର୍ବାଚନ ସମ୍ବନ୍ଧୀୟ ବିବାଦର ଚୂଡ଼ାନ୍ତ ନିଷ୍ପତିକିଏ ନିଅନ୍ତି ?
(କ).ରାଜ୍ୟପାଳ (ଖ).ରାଷ୍ଟ୍ରପତି
(ଗ).ନିର୍ବାଚନ ଆୟୁକ୍ତ (ଘ).ଲୋକସଭାର ବାଚସ୍ପତି

୨୯. ସଡ଼କ ଓ ପରିବହନ ବ୍ୟବସ୍ଥାରେ କେତୋଟି ଉପାଦାନ ରହିଛି ?
(କ).୪ (ଖ).୫ (ଗ).୬ (ଘ).୭

୩୦. ନିଶାସକ୍ତ ହୋଇ ଗାଡ଼ି ଚାଳନା କଲେ କେଉଁ ପ୍ରକାର ଦଣ୍ଡ ରହିଛି ?
(କ).ଜେଲ (ଖ).ଆର୍ଥିକ (ଗ).ଶାରୀରିକ (ଘ).ଆର୍ଥିକ ଓ ଜେଲ

# 2nd PRACTICE TEST FOR CLASS-X
# SOCIAL SCIENCE(SSC) (ସାମାଜିକ ବିଜ୍ଞାନ)
## SUBJECTIVE (PART-II)

ପରୀକ୍ଷାର୍ଥୀ ଯଥା ସମ୍ଭବ ନିଜ ଭାଷାରେ ଉତ୍ତର ଦେବେ ।
ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।
ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।

*NAME* ........................................ ..............................*ROLL NO*....................... *SECTION* .........

୧ଘଂଟା **କ - ବିଭାଗ (ଭୂଗୋଳ ଓ ଅର୍ଥନୀତି)** ପୂର୍ଣ୍ଣ ସଂଖ୍ୟା : ୩୦

୧. (କ) ଖଣିଜ ସମ୍ପଦ ସଂରକ୍ଷଣର ଆବଶ୍ୟକତା ଓ ଉପାୟ ଗୁଡ଼ିକ ବର୍ଣ୍ଣନା କର ? (୪

କିମ୍ବା ଭୂ ସମ୍ପଦର ବିନିଯୋଗ ବିଷୟରେ ଉଲ୍ଲେଖ କର ।

(ଖ) **ପାର୍ଥକ୍ୟ ଦର୍ଶାଅ ।** (୨

ପାରମ୍ପାରିକ ଶକ୍ତିସମ୍ପଦ ଓ ଅଣପାରମ୍ପରିକ ଶକ୍ତି ସମ୍ପଦ

କିମ୍ବା ଖାଦର ଓ ଭାଙ୍ଗର ।

(ଗ) **ସଂକ୍ଷେପରେ ଉତ୍ତର ଲେଖ ।**

ସମ୍ପଦର କେତେଗୋଟି ବିଶେଷତ୍ୱ ରହିଛି ଓ କ'ଣ କ'ଣ ? (୨

କିମ୍ବା ଖଣି ଖନନକୁ ଏକ 'ଘାତକ ଶିଳ୍ପ' କୁହାଯାଏ କାହିଁକି ?

୨. (କ) କେବେ ଭାରତରେ ନୂତନ ଆର୍ଥିକନୀତି ପ୍ରଚଳନ କରାଗଲା ଓ କାହିଁକି ? (୩

କିମ୍ବା ଆର୍ଥିକ ବିକାଶ କ'ଣ ? ଏହା କିପରି ନିରୂପଣ କରାଯାଏ ।

(ଖ) **ସଂକ୍ଷିପ୍ତ ଟିପ୍ପଣୀ ଲେଖ ।** (୨

ମିଶ୍ରିତ ଅର୍ଥବ୍ୟବସ୍ଥା ।

କିମ୍ବା ଉଦାରୀକରଣ ।

(ଗ) **କାରଣ ଦର୍ଶାଅ** (୨

କୌଣସି ଦେଶର ବିକାଶ ସେ ଦେଶର ମାନବସମ୍ପଦର ବିକାଶ ଉପରେ ନିର୍ଭର କରେ ।

କିମ୍ବା ଭାରତରେ ନିର୍ଦ୍ଦିଷ୍ଟ ଭାବରେ ଚାରଣ ଭୂମି ଦେଖାଯାଏ ନାହିଁ ।

## ଖ - ବିଭାଗ (ଇତିହାସ ଓ ରାଜନୀତି ବିଜ୍ଞାନ)

୧. (କ) ଓଡ଼ିଶାରେ ସମ୍ବାଦପତ୍ରର କିପରି ବିକାଶ ହୋଇଥିଲା ? (୪

କିମ୍ବା ଉତ୍କଳ ସମ୍ମିଳନୀ କିପରି ଜନ୍ମ ଲାଭ କଲା ?

(ଖ) ସୁଭାଷ ଚନ୍ଦ୍ର ବୋଷ ଆଜାଦ ହିନ୍ଦ ଫୌଜର ୪ଟି ବ୍ରିଗେଡ଼ର ନାମ କ'ଣ ରଖିଥିଲେ ? (୨

କିମ୍ବା ପ୍ରତ୍ୟକ୍ଷ କାର୍ଯ୍ୟଦିବସ କାହିଁକି ଏବଂ କେଉଁଦିନ ପାଳନ କରାଯାଇଥିଲା ?

(ଗ) ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ସମୟର ଉଲ୍ଲେଖନୀୟ କାର୍ଯ୍ୟ କ'ଣ ଥିଲା ? (୨

କିମ୍ବା ବେଠି ଓ ଭେଟି ମଧ୍ୟରେ ପାର୍ଥକ୍ୟ କ'ଣ ?

୨. (କ) ତୃତୀୟ ପଚଂବାର୍ଷିକ ଯୋଜନା କାହିଁକି ଫଳ ପ୍ରଦ ହୋଇ ପାରିଲା ନାହିଁ । (୩

କିମ୍ବା ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନାର ଦୁଇଟି ବିଭାଗ କଣ ଥିଲା ?

(ଖ) ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତି କ'ଣ ? (୨

କିମ୍ବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ସମୂହ କ'ଣ ?

(ଗ) ଗୋପନୀୟ ମତଦାନ ବ୍ୟବସ୍ଥା କହିଲେ କ'ଣ ବୁଝ ? (୨

କିମ୍ବା ଇ.ଭି.ଏମ. କ'ଣ ? ଏହାର ବ୍ୟବହାର ଫଳରେ କି ସୁଫଳ ମିଳୁଛି ?

## 2nd PRACTICE TEST FOR CLASS-X
## THIRD LANGUAGE SANSKRIT(TLS) (ସଂସ୍କୃତ)
## OBJECTIVE (PART - I)

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଉତର ଦିଆଯାଇଛି ।
ସେଥି ମଧ୍ୟରୁ ଠିକ୍ ଉତରଟି ବାଛି ବୃତଟିକୁ କଳା / ନୀଳ ବଲ୍ ପଏଂଟ ପେନ୍ ଦ୍ୱାରା ସଂପୂର୍ଣ୍ଣ କଳା / ନୀଳ କର ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ / (ଏକ) ନମ୍ବର । ସମସ୍ତ ପ୍ରଶ୍ନର ଉତର ଦିଅ ।

*NAME* ........................................................................ *ROLL NO*...................... *SECTION* ........

ସମୟ : ୧ଘଂଟା                                                                 ପୂର୍ଣ୍ଣ ସଂଖ୍ୟା : ୩୦

ଅଧୋଲିଖିତ ପ୍ରଶ୍ନାନ୍ ପଠିତ୍ୱା ବିକଳ୍ପମାଧ୍ୟାତ୍ ଶୁଦ୍ଧମ୍ ଉତରମ୍ ଲିଖତ ।                    କ ଖ ଗ ଘ

୧) ଉପମନ୍ୟୁଃ କଥମ୍ ଆଶ୍ରମଂ ନାଗଛତ୍ ?
   କ) ଶ୍ରଦ୍ଧୟା   ଖ) ସ୍ୱେଛୟା   ଗ) ସବୁଦ୍ଧ୍ୟା   ଘ) କୁପିତଃ

୨) ଉପମନ୍ୟୁଃ ନିଶାମୁଖେ ଗୁରୋଃ__________ ସ୍ଥିତ୍ୱା ଗୁରୁଂ ନମଶ୍ଚକାର ।
   କ) ସମ୍ମୁଖେ   ଖ) ପୁରତଃ   ଗ) ଅନ୍ତିକେ   ଘ) ପୃଷ୍ଠତଃ

୩) ବିଶ୍ୱସ୍ୟ ଆଧ୍ୟାତ୍ମିକକ୍ଷେତ୍ରେ __________ପରମ୍ପରା ପ୍ରତିଷ୍ଠିତା ।
   କ) ମହାନ୍   ଖ) ମହତ୍   ଗ)ମହତୀ   ଘ) ବିଭିନ୍ନା

୪) କସ୍ୟ ପୁତ୍ରାଃ ନ ଖଲୁ ଦୀର୍ଘଜୀବିନଃ ?
   କ) ମାନବସ୍ୟ   ଖ) ଦାନବସ୍ୟ   ଗ) ଈଶ୍ୱରସ୍ୟ   ଘ) ସଂସାରସ୍ୟ

୫) ରାମଃ ଅବାଙ୍ମୁଖଃ ସନ୍ କୁତ୍ର ପ୍ରବିବେଶ ?
   କ) ସ୍ୱବେଶ୍ମ   ଖ) ସ୍ୱବେଶ୍ମମ୍   ଗ) ସ୍ୱବେଷ୍ମ   ଘ) ସ୍ୱବେଷ୍ମମ୍

୬) କସ୍ମାଂ ବୈଦେହୀ ସଂକୁଦ୍ଧା ଅଭବତ୍ ?
   କ) ପରିଶ୍ରମାତ୍   ଖ) ଦୁଃଖାତ୍   ଗ) ପ୍ରଣୟାତ୍   ଘ) ଉପବାସାତ୍

ସନ୍ଧିଂକୁରୁ ଅଥବା ସନ୍ଧିବିଛେଦଂ କୁରୁ ।

୭) ଯଥୈବ=
   କ)ଯଥା +ଇବ   ଖ)ଯଥୈ+ବ   ଗ)ଯଥା +ଏବ   ଘ)ଯଥା +ଐବ

୮) ମନୋଗତମ୍=
   କ) ମନ+ ଆଗତମ୍   ଖ) ମନୋ+ ଗତମ୍   ଗ) ମନଃ+ ଆଗତମ୍   ଘ) ମନଃ+ଗତମ୍

୯) ଶ୍ରେୟଃ+ଭବିଷ୍ୟତି=
   କ) ଶ୍ରେୟା ଭବିଷ୍ୟତି   ଖ)ଶ୍ରେୟୋ ଭବିଷ୍ୟତି   ଗ) ଶ୍ରେୟୋ ଭବିଷ୍ୟତି   ଘ) ଶ୍ରେର୍ୟ ର୍ଭବିଷ୍ୟତି

୧୦) ଗଙ୍ଗେବ=
   କ) ଗଙ୍ଗା+ ଇବ   ଖ) ଗଙ୍ଗେ+ ଇବ   ଗ) ଗଙ୍ଗା+ ଏବ   ଘ) ଗଙ୍ଗେ+ ଏବ

୧୧) ପତିତଃ+ ଅସି=
   କ)ପତିତୋସି   ଖ)ପତିତାଃସି   ଗ)ପତିତୋସି   ଘ) ପତିତାସି

୧୨) ମାତୁଃ+ଉପଦେଶମ୍=
   କ)ମାତୁରୁପଦେଶମ୍   ଖ)ମାତୁରୂପଦେଶମ୍   ଗ)ମାତୃରୂପଦେଶମ୍   ଘ)ମାତୃପଦେଶମ୍

ବିଗ୍ରହବାକ୍ୟଂ, ସମସ୍ତପଦଂ ସମାସନାମ ବା ଲିଖତ ।

୧୩) ଦେବଭିଷଜୌ
   କ)ଉପପଦତତ୍ପୁରୁଷଃ   ଖ)ଅବ୍ୟୟୀଭାବଃ   ଗ) କର୍ମଧାରୟଃ   ଘ)ଷଷ୍ଠୀତତ୍ପୁରୁଷଃ

୧୪) କ୍ଷୁଧାର୍ତଃ=
   କ)କ୍ଷୁଧୟା ରତଃ   ଖ)କ୍ଷୁଧାୟାଃ ଆର୍ତଃ   ଗ)କ୍ଷୁଧୟା ଆର୍ତଃ   ଘ)କ୍ଷୁଧାୟାଃ ରତଃ

| କ | ଖ | ଗ | ଘ |
|---|---|---|---|

୧୫) ଇଶ୍ୱରବିଶ୍ୱାସୀ=

କ)ବହୁବ୍ରୀହିଃ ଖ)ଦ୍ୱିଗୁଃ ଗ)ଦ୍ୱନ୍ଦ୍ୱଃ ଘ)ଉପପଦ ତତ୍ ପୁରୁଷଃ

୧୬) ସାର୍ଥକଂ ନାମ ଯସ୍ୟ ସଃ

କ)ସାର୍ଥକ ନାମ ଖ)ସାର୍ଥକ ନାମା ଗ)ସାର୍ଥକ ନାମ୍ନା ଘ)ସାର୍ଥକ ନାମ୍ନୀ

୧୭) ପ୍ରିୟଂ ବଦତି ଯା ସା

କ)ପ୍ରିୟବାଦୀ ଖ)ପ୍ରିୟବାଦୀନି ଗ)ପ୍ରିୟବାଦିନୀ ଘ)ପ୍ରିୟବାଦୀନୀ

୧୮) ପାଦଛାୟା=

କ)୭ମୀ ତତ୍ପୁରୁଷଃ ଖ)୫ମୀ ତତ୍ପୁରୁଷଃ ଗ)୬ଷ୍ଠୀ ତତ୍ପୁରୁଷଃ ଘ)ବହୁବ୍ରୀହିଃ

ପ୍ରକୃତି ପ୍ରତ୍ୟୟଂଚ ଲିଖତ ।

୧୯) ପ୍ରତିଷିଦ୍ଧଃ=

କ)ପ୍ରତି +ଷିଧ୍ +କ୍ତ ଖ)ପ୍ରତି +ସିଧ୍+ କ୍ତ ଗ)ପ୍ରତି +ସିଧ୍ +ଅଲ୍ ଘ)ପ୍ରତି+ ସିଧ୍ +ଘଞ୍

୨୦) ସମ୍ +ଜନ୍+ କ୍ତ

କ)ସଂଜ୍ଞାତଃ ଖ)ସଂଯତଃ ଗ)ସଂଜାତଃ ଘ)ସଂଯାତଃ

୨୧) ନି +ବୃ +ଣିଚ୍ +ତୁମୁନ୍

କ)ନୀବାରୟିତୁମ୍ ଖ)ନୀବାରଣୀତୁମ୍ ଗ)ନିବାରଣୟିତୁମ୍ ଘ)ନିବାରୟିତୁମ୍

୨୨)ଉଦ୍‌ବୁଦ୍ଧଃ=_____________ବୁଧ୍ +କ୍ତ

କ) ଉତ୍ ଖ)ଉଦୀର୍ ଗ) ଉଦ୍ ଘ) ଉତିର୍

୨୩) ଅପହାସ୍ୟମ= ଅପ+________+ ଯତ୍

କ)ହାସ୍ ଖ)ହୋସ୍ ଗ)ହସ୍ ଘ)ହାସ୍ୟ

୨୪) ଅଭିଷେକଃ= ଅଭି + ______ +ଘଞ୍

କ) ଷିଚ୍ ଖ)ସିକ୍ ଗ) ଷିକ୍ ଘ) ସିଚ୍

ରେଖାଙ୍କିତ ପଦାନାଂ ସକାରଣ ବିଭକ୍ତିଂ ଚ ଲିଖତ ।

୨୫) ମୟା ଉପମନ୍ୟୁଃ ସର୍ବତଃ ପ୍ରତିଷିଦ୍ଧଃ ।

କ) କରଣେ ୩ୟା ଖ) ହେତୌ ୩ୟା ଗ) ଅନାଦରେ ୩ୟା ଘ)ଅନୁକ୍ତେ କର୍ତରି ୩ୟା

୨୬) ତସ୍ମାତ୍ ସଃ ଅନ୍ୱିଷ୍ୟତାମ୍ ।

କ) ଉକ୍ତେ କର୍ତରି ୧ମା ଖ) କର୍ତରି ୧ମା ଗ) ଉକ୍ତେ କର୍ମଣି ୧ମା ଘ) ଅବ୍ୟୟ ଯୋଗେ ୧ମା

୨୭) ଗୁରୁଃ ତଂ ସର୍ବେଭ୍ୟଃ ନ୍ୟବାରୟତ୍ ।

କ)ନିମିତାର୍ଥେ ୪ର୍ଥୀ ଖ)ଅପାଦାନେ ୫ମୀ ଗ)ନିବାରଣାର୍ଥେ ୫ମୀ ଘ)ଅବଜ୍ଞାର୍ଥେ ୫ମୀ

୨୮) ଅନେକତ୍ର ସେବା କ୍ରିୟତେ ।

କ)କର୍ତରି ୧ମା ଖ)ଉକ୍ତେ କର୍ତରି ୧ମା ଗ)ଉକ୍ତେକର୍ମଣି ୧ମା ଘ)କର୍ମଣି ଚ ୧ମା

୨୯) ତସ୍ୟ ସ୍ମୃତିଃ ନିତରାଂ ପ୍ରଖରା ଆସୀତ୍ ।

କ)କର୍ତରି ୧ମା ଖ)ଉକ୍ତେ କର୍ମଣି ୧ମା ଗ)ନିତରାଂ ଶବ୍ଦ ପ୍ରୟୋଗେ ୧ମା ଘ)ଅବ୍ୟୟ ଯୋଗେ ୧ମା

୩୦) ହେ ମମ ଆମେରିକା ଦେଶାସ୍ଥା ଭ୍ରାତରଃ ଭଗିନ୍ୟଶ୍ଚ ।

କ)କର୍ତରି ୧ମା ଖ) ସମ୍ବୋଧନେ ୧ମା ଗ)ଉକ୍ତେକର୍ମଣି ୧ମା ଘ)ଉକ୍ତେ କର୍ତରି ୧ମା

# 2nd PRACTICE TEST FOR CLASS-X
## THIRD LANGUAGE SANSKRIT (ସଂସ୍କୃତ)
## SUBJECTIVE (PART-II)

ପରୀକ୍ଷାର୍ଥୀ ଯଥା ସମ୍ଭବ ନିଜ ଭାଷାରେ ଉତ୍ତର ଦେବେ ।

ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।

ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।

*NAME* ........................................ ........................................*ROLL NO*....................... *SECTION* ..........

<u>ସମୟ : ୧ଘଂଟା</u> ପୂର୍ଣ୍ଣ ସଂଖ୍ୟା : ୩୦

୧) ମାତୃଭାଷାୟା ବାକ୍ୟତ୍ରୟେଣ ଉତ୍ତରଂ ଲିଖତ । (5)

କ) ପ୍ରୀତିମାନ୍ ଉପାଧ୍ୟାୟଃ ଉପମନ୍ୟୁଂ କିମ୍ ଅବଦତ୍ ?

ଅଥବା

ବିବେକାନନ୍ଦଃ କଥଂ ବିଶ୍ୱପ୍ରସିଦ୍ଧଃ ଅଭବତ୍ ?

ଖ) କଥଂ ରାଘବସ୍ୟ ଶୋକଃ ବିବୃତତାଂ ଗତଃ ? (5)

ଅଥବା

କସ୍ୟ ବିପ୍ରିୟଂ କଥଂ ନ କର୍ତ୍ତବ୍ୟମ୍ ଇତି ରାମେଣ ସୀତା ଉପଦିଷ୍ଟା ?

୨) ଅନୁଚ୍ଛେଦଂ ପଠିତ୍ୱା ପୂର୍ଣ୍ଣବାକ୍ୟେନ ସଂସ୍କୃତେନ ମାତୃଭାଷୟା ବା ଉତ୍ତରଂ ଲିଖତ । (2x5)

ଏକସ୍ମିନ୍ ସରୋବରେ କଶ୍ଚିତ୍ କଚ୍ଛପଃ ପ୍ରତିବସତି ସ୍ମ । ମୂଷିକଃ କାକଃ ମୃଗଶ୍ଚେତେ ତ୍ରୟଃ ତସ୍ୟ ସଖାୟଃ ଆସନ୍ । ଏକଦା ସ୍ଥଳମାର୍ଗେଣ ଅନ୍ୟଂ ଜଳାଶୟଂ ପ୍ରତି କଚ୍ଛପଃ ଗଚ୍ଛତି ସ୍ମ । ତଂ କଶ୍ଚିଦ୍ ବ୍ୟାଧଃ ବଦ୍ଧ୍ୱା ସ୍କନ୍ଧେ ସଂସ୍ଥାପ୍ୟ ଗୃହଂ ଗନ୍ତୁମୁଦ୍ୟତଃ । ଅଥ ମୂଷିକାଦୟଃ ବନ୍ଧୁଂ ବିପଦଗ୍ରସ୍ତଂ ଦୃଷ୍ଟ୍ୱା ଦୁଃଖିତାଃ । ତେ କଚ୍ଛପଂ ମୋଚୟିତୁମ୍ ଉପାୟଂ ଚିନ୍ତିତବନ୍ତଃ । ଉପାୟମ୍ ଅନୁସୃତ୍ୟ ମୃଗଃ ଜଳାଶୟସ୍ୟ ସମୀପେ ମୃତବତ୍ ଅପତତ୍ । କାକଶ୍ଚ ତସ୍ୟୋପରି ଉପବିଶ୍ୟ ଚଂଚ୍ୱା ବିଲିଖତି ସ୍ମ । ଅଥ ଭ୍ରମଣକାରଣାତ୍ ତୃଷାର୍ତ୍ତଃ ବ୍ୟାଧଃ ସରୋବରାତ୍ ଜଳଂ ପୀତ୍ୱା ଅଦୂରେ ପତିତଂ ମୃଗମପଶ୍ୟତ୍ । ତତଃ ସଃ ଜଳାଶୟସ୍ୟ ସମୀପେ କଚ୍ଛପଂ ନିଧାୟ ମୃଗସମୀପଂ ଗତଃ । ଅସ୍ମିନ୍ ଅବସରେ ମୂଷିକଃ ଆଗତ୍ୟ କଚ୍ଛପସ୍ୟ ବନ୍ଧନମ୍ ଅଛିନତ୍ । ତତଃ ବନ୍ଧନମୁକ୍ତଃ କଚ୍ଛପଃ ଜଳାଶୟଂ ପ୍ରବିଷ୍ଟଃ । ମୃଗକାକୌ ଅପି ଆଗଚ୍ଛନ୍ତଂ ବ୍ୟାଧଂ ଦୃଷ୍ଟ୍ୱା ସତ୍ୱରଂ ପଲାୟିତୌ । ଅଥ ବ୍ୟାଧଃ ମୃଗଲୋଭେନ ପୂର୍ବଗୃହୀତଂ କଚ୍ଛପଂ ନ ପ୍ରାପ୍ତବାନ୍ । ଅଥ ବ୍ୟାଧଃ ନିରାଶଃ ସନ୍ ଗୃହଂ ପ୍ରସ୍ଥିତଃ ।

ସୁଷ୍ଠୁ ଉକ୍ତମ୍

ଯୋ ଧ୍ରୁବାଣି ପରିତ୍ୟଜ୍ୟ ଅଧ୍ରୁବାଣି ନିଷେବତେ
ଧ୍ରୁବାଣି ତସ୍ୟ ନଶ୍ୟନ୍ତି ଅଧ୍ରୁବଂ ନଷ୍ଟମେବହି ।

<u>ପ୍ରଶ୍ନାବଳୀ</u>

କ) କଚ୍ଛପସ୍ୟ କେ କେ ବାନ୍ଧବାଃ ଆସନ୍ ?

ଖ) ମୂଷିକାଦୟଃ କଂ ଦୃଷ୍ଟ୍ୱା ଉପାୟଂ ଚିନ୍ତିତବନ୍ତଃ ?

ଗ) କଦା ବ୍ୟାଧଃ ମୃଗମ୍ ଅପଶ୍ୟତ୍ ?

ଘ) କଦା ମୃଗକାକୌ ପଲାୟିତୌ ?

ଙ) କଥଂ ବ୍ୟାଧଃ ବିଫଳଃ ଅଭବତ୍ ?

୩) ସଂସ୍କୃତେନ ଫଚାନାମ୍ ଅନୁବାଦଂ କୁରୁତ । (2x5)

କ) କୋଠାର ତଳକୁ ତଳ ପାହାଚମାନ ଅଛି ।

ଖ) ଭାରତର ସୈନିକମାନେ ସାହସୀ ଅଟନ୍ତି ।

ଗ) ତୁମ୍ଭେମାନେ ଏହିବାଟେ ଯାଅ ।

ଘ) ମୁଁ କାହାଠାରୁ କିଛି ଧାରକରି ନାହିଁ ।

ଙ) କ୍ଷମା ସମାନ ଗୁଣ ନାହିଁ ।

ଚ) ମିଛୁଆ ଲୋକକୁ କେହି ବିଶ୍ୱାସ କରନ୍ତି ନାହିଁ ।

କିମ୍ବା

ସଂସ୍କୃତେନ ଫଚାନାଂ ବାକ୍ୟଗଠନଂ କୁରୁତ (5+5=10)

କର୍ତ୍ତବ୍ୟମ୍, ବିରକ୍ତଃ, ନିଲୀୟତେ, ପୂର୍ବଃ, ଧାରୟାମି ।

ଏବଂ

ସଂସ୍କୃତେନ ଏକପଦେନ ପ୍ରକାଶଂ କୁରୁ ।

କ) ଶୟନଂ କୁର୍ବାଣଃ ଖ) ବିଦୁଷଃ ପତ୍ନୀ ଗ) ତାରୟତି ଯା ଘ) ସ୍ୱୟଂ ଅଧ୍ୟାପିକା ଙ) ମତ୍ସ୍ୟସ୍ୟ ସ୍ତ୍ରୀ ରୂପମ୍